## ବ୍ରହ୍ମପୁରରେ ଆଇପିଏଲ ବେଟିଂ

# ୩ ଦିନରେ ୪ ବୁକି ଗିରଫ; ୪୮ ଲକ୍ଷ ଫ୍ରିଜ୍





**ବ୍ରହ୍ମପୁର, ୨।୫(ସମିସ)**

ଜାରି ରହିଛି ଆଇପିଏଲ କ୍ରିକେଟ ଖେଳ। ବ୍ରହ୍ମପୁର ସହରରେ ରିତିମତ ଚାଲିଛି ଆଇପିଏଲ୍ ବେଟିଂ। ଗତ ୩ଦିନରେ ବ୍ରହ୍ମପୁର ପୁଲିସ ୪ଜଣ ବୁକିଙ୍କୁ ଗିରଫ କରି ଏକାଧିକ ମୋବାଇଲ ଓ ଲକ୍ଷାଧିକ ଟଙ୍କା ଜବତ କରିଛି। ସହରରେ ଚାଲିଥିବା ଅନଲାଇନ୍ କ୍ରିକେଟ୍ ବେଟିଂ ଓ ଗେମିଂ ରାକେଟରେ ସମ୍ପୃକ୍ତ ଆଉ ୨ଜଣଙ୍କୁ ଗିରଫ କରାଯାଇଛି। ବୈଦ୍ୟନାଥପୁର ଥାନା ପୁଲିସ ଗୋଷାଣିନୂଆଗାଁ ନେହେରୁ ନଗର ୪ର୍ଥ ଲେନ୍‌ର ଶୁଭମ ପ୍ରଧାନ(୨୧) ନାମକ ଜଣେ ଯୁବକକୁ ଗିରଫ କରିଥିବା ବେଳେ ଟାଉନ୍ ଥାନା ପୁଲିସ ଯାଜପୁର ଜିଲ୍ଲା ବଡ଼ଚଣାର ରାଜ କିଶୋର ସାମଲ ଓରଫ ରାଜୁ(୪୬)ଙ୍କୁ ଗିରଫ କରିଛି। ପୁଲିସ ଉଭୟଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ଥିବା ୩୧ଲକ୍ଷ ଟଙ୍କାକୁ ଫ୍ରିଜ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମପୁରରେ ରହୁଥିବା ଅଭିଯୁକ୍ତ ଶୁଭମ କୋରାପୁଟ ଅଞ୍ଚଳର ଅସୀମ କୁମାର ବିଶ୍ୱାସ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ଏଜି-ନୂର-୩୩୩ନାମକ ଏକ ଗେମିଂ 'ୱେବସାଇଟ୍‌ର ଡିଷ୍ଟ୍ରିବ୍ୟୁଟରସିପ୍ ନେଇ ଆଇପିଏଲ ବେଟିଂ ରାକେଟ ଚଳାଇଥିଲେ। ଗତ ୩ମାସ ଧରି ସେ ଏହି ନେଟ୍‌ୱର୍କ ଚଳାଇବା ସହ ପ୍ରାୟ ୭୦ଜଣ ସବ୍-ୟୁଜର ତିଆରି କରିଥିଲେ। ଆଇପିଏଲ୍ କ୍ରିକେଟ ମ୍ୟାଚ୍ ସମୟରେ ଅଧିକ ଲାଭର ପ୍ରଲୋଭନ ଦେଖାଇ ସେ ସାଧାରଣ ଲୋକଙ୍କୁ ଏହି ବେଟିଂ ଜାଲରେ ଫସାଉଥିଲେ। ଏହି ଖବର ମିଳିବା ପରେ ବୈଦ୍ୟନାଥପୁର ଥାନା ପୁଲିସ ପକ୍ଷରୁ ଅଭିଯୁକ୍ତ ଶୁଭମଙ୍କୁ କାବୁ କରିବାକୁ ଯୋଜନା କରିଥିଲା। ଏସଆଇ ପ୍ରିୟଙ୍କା ସାହୁ ପେଟ୍ରୋଲିଂ କରୁଥିବା ସମୟରେ ଖୋଡ଼ାସିଙ୍ଗି ଓଭରବ୍ରିଜ୍ ନିକଟରେ ଅଭିଯୁକ୍ତ ଶୁଭମ ରାକେଟ ପରିଚାଳନା କରୁଥିବା ଖବର ମିଳିବା ପରେ ଚଢଉ କରିଥିଲେ। ପୁଲିସ ଶୁଭମ ନିକଟରୁ ଏକ ଆଇ-ଫୋନ୍, ଗୋଟିଏ ମୋବାଇଲ ଓ ୨୪ଟି ଗୁରୁତ୍ୱପୂର୍ଣ୍ଣ ସ୍କ୍ରିନସଟ୍ ଜବତ କରିଛି। ଶୁଭମଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୨୦ଲକ୍ଷ ୨୩ହଜାର ୩୮୮ଟଙ୍କା ଫ୍ରିଜ୍ କରାଯାଇଛି। ସେଥିମଧ୍ୟରୁ ୭ଲକ୍ଷ ୩୭ହଜାର ୩୮ଟଙ୍କା ଶୁଭମଙ୍କ ବ୍ୟକ୍ତିଗତ ହୋଇଥିବା ବେଳେ ଅବଶିଷ୍ଟ ୧୨ଲକ୍ଷ ୮୬ହଜାର ୩୫୦ଟଙ୍କା ଅନ୍ୟ ସବ୍-ୟୁଜରଙ୍କର ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ସେହିପରି ଟାଉନ ଥାନା ପୁଲିସ ପୂର୍ବରୁ ଗିରଫ କରିଥିବା ଆଇପିଏଲ ବୁକି ରୋହିତ ମହାନ୍ତିର ନିୟମିତ ଯୋଗାଯୋଗରେ ରହି ଆଇପିଏଲ ବେଟିଂ ପରିଚାଳନା

### ଖବରୀଙ୍କ ତଥ୍ୟ ଆଧାରରେ ଅତର୍କିତ ଚଢ଼ଉ କରୁଛି ପୁଲିସ

କରୁଥିବା ଯାଜପୁରର ରାଜକିଶୋରଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ନଗଦ ଟଙ୍କା ଓ ମୋବାଇଲ ଜବତ କରିଛି। ରୋହିତଙ୍କୁ ରାଜକିଶୋର ହିଁ ବେଟିଂ ଲିଙ୍କ ଦେଉଥିବା ଜଣାପଡ଼ିବା ପରେ ପୁଲିସ ତାଙ୍କୁ ଉଠାଇଥିଲା। ପ୍ରକାଶଥାଉକି, ୩ଦିନ ପୂର୍ବେ ଟାଉନ ଥାନା ଓ ବଡବଜାର ଥାନା ପକ୍ଷରୁ ରୋହିତ ମହାନ୍ତି ଓ ବାବୁ ଗୌଡ଼ ଆଦି ୨ଜଣ ଆଇପିଏଲ ବୁକିଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ଲକ୍ଷାଧିକ ଟଙ୍କାକୁ ଫ୍ରିଜ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ପୁଲିସ ୪ଜଣଙ୍କୁ ଗିରଫ କରି ମୋଟ ୪୮ ଲକ୍ଷ ଟଙ୍କା ଫ୍ରିଜ କରିଥିବା ଜଣାପଡ଼ିଛି। ଆଗକୁ ଏହି ଚଢଉ ଜାରି ରହିବ ବୋଲି ଜଣାପଡ଼ିଛି।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ପାଠଚକ୍ର






**ବ୍ରହ୍ମପୁର, ୨।୫(ସମିସ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଆଇ ସକ୍ଷମ ସ୍ମାର୍ଟ ଗ୍ରୀଡ୍ ପଦକ୍ଷେପ ବ୍ୟବହାର କରି ନବୀକରଣୀୟ ଶକ୍ତି ସମନ୍ୱୟକୁ ସଶକ୍ତ କରିବା ନେଇ ଆୟୋଜିତ ପାଠଚକ୍ରର ମୁଖ୍ୟ ବିଷୟ ବସ୍ତୁ ଥିଲା। ପଦାର୍ଥ ବିଜ୍ଞାନ ବିଭାଗ ବିଭାଗୀୟ ମୁଖ୍ୟ ଡ. ପ୍ରଣତୀ କୁମାରୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପାଠଚକ୍ରରେ ମୁଖ୍ୟବକ୍ତା ଭାବେ ଏମ୍‌ଏନଆଇଟି ଜୟପୁର ତଥା ଆଇଆଇଟି କୋଟାର ନିର୍ଦ୍ଦେଶକ ପ୍ରଫେସର ଇଂ. ନାରାୟଣ ପ୍ରସାଦ ପାଢ଼ୀ ଯୋଗଦେଇ ନବୀକରଣ ଯୋଗ୍ୟ ସମ୍ବଳକୁ କିଭଳି ଭାବେ ସୁଚାରୁ ରୂପେ ବ୍ୟବହାର କରାଯାଇ ପାରିବ, ବର୍ତ୍ତମାନ ସମାଜରେ ଶକ୍ତିର ଆବଶ୍ୟକତା ଓ ଉପାଦେୟତା, ସୌର ଶକ୍ତିର ବ୍ୟବହାର ସମେତ ଅନ୍ୟାନ୍ୟ କ୍ଷେତ୍ରରେ କିଭଳି ଭାବେ ଉନ୍ନତି କରାଯାଇପାରିବ। ଏହା ସହ ଉତ୍ପାଦିତ ଶକ୍ତିକୁ କିଭଳି ଭାବେ ସଂରକ୍ଷିତ କରାଯାଇ ପାରିବ ସେ ନେଇ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡ. ସମ୍ବିତ୍ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦାର୍ଥ ବିଜ୍ଞାନର ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ପ୍ରବୀଣ କୁମାର ନନ୍ଦ, ଡ. ନୀଳିମା ପ୍ରିୟଦର୍ଶିନୀ ସ୍ୱାଇଁ, ଡ. ଜୟଶ୍ରୀ ସ୍ୱାଇଁ, କମ୍ପ୍ୟୁଟର ସାଇନ୍ସ ବିଭାଗର ଆଶୁତୋଷ ପଣ୍ଡା, ଆଶା ସାହୁ, ପ୍ରାଣୀବିଜ୍ଞାନ ବିଭାଗର ଡ. ସୁଶୀଲ କୁମାର ରାଠୋର ଓ ବାଣିଜ୍ୟ ବିଭାଗର ଡ. ଅନ୍ନପୂର୍ଣ୍ଣା ସାହୁ ଉପସ୍ଥିତ ଥିଲେ।

## ବଜ୍ରପାତରେ କମ୍ପିଲା ବ୍ରହ୍ମପୁର; ଗଛ ପଡ଼ି ରାସ୍ତା ଅବରୋଧ

**ବ୍ରହ୍ମପୁର, ୨।୫(ସମିସ):** ଶୁକ୍ରବାର ସନ୍ଧ୍ୟାରେ ସହରରେ ହଠାତ୍ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା। ଜୋର ପବନ, ବର୍ଷା ଓ ଘଡ଼ଘଡ଼ି ଲୋକଙ୍କୁ ଭୟଭୀତ କରିଥିଲା। କେବଳ କିଛି ମିନିଟ୍ ମଧ୍ୟରେ ପରିସ୍ଥିତି ଗୁରୁତର ହୋଇ ପଡ଼ିଥିଲା। ସହରର ବିଭିନ୍ନ ଅଞ୍ଚଳରେ ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ ହୋଇଯାଇଥିଲା। ଏହାର ପରିଣାମରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କେତେକ ସ୍ଥାନରେ ଗାଡ଼ି ଲମ୍ବା ଲାଇନ୍‌ରେ ଅଟକି ରହିଥିବା ଦେଖାଯାଇଥିଲା। କେବଳ ଏତିକି ନୁହେଁ କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ଏଥିଦ୍ୱାରା ସାଧାରଣ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ପ୍ରଶାସନ ଓ ଅଗ୍ନିଶମ ବିଭାଗ ଦ୍ୱାରା ଗଛ କାଟି ରାସ୍ତା ସଫା କରିବା କାମ ରାତିରେ ଜାରି ରହିଥିଲା। ପରେ ପରିସ୍ଥିତି ସାଧାରଣ ହୋଇଥିଲା। ସ୍ଥାନୀୟ ଲୋକମାନେ ଏପରି ଅଚାନକ ପ୍ରକୃତିର ପରିବର୍ତ୍ତନକୁ ନେଇ ଚିନ୍ତା ପ୍ରକାଶ କରିଥିବା ବେଳେ, ଆଗାମୀ ଦିନରେ ଏପରି ପରିସ୍ଥିତି ପାଇଁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।



କାଳବୈଶାଖୀର ପ୍ରଭାବ



## ୧୦ମ ଶ୍ରେଣୀ ବୋର୍ଡ଼ ପରୀକ୍ଷା

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର 'ଏ-୧'ରେ ପ୍ରଥମ

**ବ୍ରହ୍ମପୁର, ୨।୫(ସମିସ):** ଚଳିତବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳାଫଳରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ଗତ ୩୩ବର୍ଷ ଧରି ୧୦୦% ଫଳାଫଳ ରଖି ଆସୁଥିବା ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ବର୍ଷ ମଧ୍ୟ ୧୦୦% ରଖି ରାଜ୍ୟରେ ସୁନାମ ଅର୍ଜନ କରିଛନ୍ତି। ଚଳିତବର୍ଷ ଏହି ଅନୁଷ୍ଠାନର ମୋଟ ୩୪୧ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଦେଇଥିଲେ। ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏ-୧ ଗ୍ରେଡ୍ ଅର୍ଥାତ୍ ୯୦% ରୁ ଊର୍ଦ୍ଧ୍ୱରେ ୯୮ ଜଣ, ଏ-୨ ଗ୍ରେଡ୍ ଅର୍ଥାତ୍ ୮୦%ରୁ ଊର୍ଦ୍ଧ୍ୱରେ ୧୬୧ଜଣ, ବି-୧ ଗ୍ରେଡ୍ ଅର୍ଥାତ୍ ୭୦%ରୁ ଊର୍ଦ୍ଧ୍ୱରେ ୫୬ ଜଣ, ବି-୨ ଗ୍ରେଡ୍ ଅର୍ଥାତ୍ ୬୦%ରୁ ଊର୍ଦ୍ଧ୍ୱରେ ୨୨ଜଣ ଏବଂ ସି-ଗ୍ରେଡ୍ ଅର୍ଥାତ୍ ୫୦%ରୁ ଊର୍ଦ୍ଧ୍ୱରେ ୩ ଜଣ ଓ ଡି-୧ ଗ୍ରେଡ୍‌ରେ ଜଣେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟରେ ରେକର୍ଡ ସୃଷ୍ଟି କରିଛନ୍ତି। ସୁମିତ କୁମାର ଦାଶ ଓ ଅଙ୍କିତା ସାହୁ ମୋଟ ୫୮୨ମାର୍କ (୯୭%) ରଖି ପ୍ରଥମ ସ୍ଥାନରେ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ଏ. ଅଶୁତୋଷ ସରାବ, ଅର୍ଚ୍ଚିତା ଆଚାର୍ଯ୍ୟ, ଶ୍ରୀୟା ଜ୍ୟୋତିର୍ମୟୀ ପାଢ଼ୀ ୫୮୦ ମାର୍କ (୯୬.୬୬%), ତୃତୀୟ ସ୍ଥାନରେ ପ୍ରିୟଦର୍ଶିନୀ ଗୌଡ଼ ୫୭୬ ମାର୍କ (୯୬%), ଚତୁର୍ଥ ସ୍ଥାନରେ ସ୍ମୃତି ରଞ୍ଜନ ତ୍ରିପାଠୀ ୫୭୩ ମାର୍କ (୯୫.୫%), ପଞ୍ଚମ ସ୍ଥାନରେ ସୌରଭ ଗୌଡ଼ ୫୭୦ ମାର୍କ (୯୫%), ଷଷ୍ଠ ସ୍ଥାନରେ ଆଦ୍ୟାଶା ଦାସ ୫୬୮ ମାର୍କ (୯୪.୬୬%), ସପ୍ତମ ସ୍ଥାନରେ ଅଭିଲାଷ ପାତ୍ର, ଶୁଭଶ୍ରୀ ନାହକ ୫୬୭ ମାର୍କ (୯୪.୫%), ଅଷ୍ଟମ ସ୍ଥାନରେ ଆଦ୍ୟାଶା ନାହାକ ୫୬୫ ମାର୍କ (୯୪.୧୬%), ନବମ ସ୍ଥାନରେ ଶ୍ରେୟାଶ୍ରୀ ସାହୁ ୫୬୪ ମାର୍କ (୯୪%), ଦଶମ ସ୍ଥାନରେ ଅଭିଷେକ ପଟ୍ଟନାୟକ ୫୬୩ ମାର୍କ (୯୩.୮୩%) ରଖିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତି ସାମଲ, ବାସନ୍ତି ବେହେରା, ଉପଦେଷ୍ଟା ନରସିଂହ ଚୌଧୁରୀ, ଧର୍ମରାଜ ସାହୁ, ମମତା ପାଣିଗ୍ରାହୀ, ଡ. ହରିକୃଷ୍ଣ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହରିକୃଷ୍ଣ ପାଢ଼ୀ, ସୁଦର୍ଶନ ପାଢ଼ୀ ତଥା ନିମନ୍ତ୍ରିତ ସଦସ୍ୟ ରାଜେନ୍ଦ୍ର ଡାକୁଆ ଓ କେ. ଭେଙ୍କଟ ରାଓ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ, ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଏସ୍.ମୋହନ ରାଓ, ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସମସ୍ତ କୃତି ଶିଶୁ ଭାଇ ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ।



## ରାଜ୍ୟରେ ପାସ୍‌ହାରରେ ଦ୍ୱିତୀୟ ସ୍ଥାନରେ ଗଞ୍ଜାମ

**ବ୍ରହ୍ମପୁର, ୨।୫(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା-୨୦୨୬ର ଫଳାଫଳ ଶନିବାର ପ୍ରକାଶ ପାଇଛି। ଚଳିତ ବର୍ଷ ମାଟ୍ରିକ ବାର୍ଷିକ ପରୀକ୍ଷାରେ ଗଜପତି ଜିଲ୍ଲାରେ ପାସ ହାର ସର୍ବାଧିକ ଅର୍ଥାତ ୯୯.୩୧ ପ୍ରତିଶତ ରହି ରାଜ୍ୟର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଗଞ୍ଜାମ ଜିଲ୍ଲା ରହିଛି। ଜିଲ୍ଲାରେ ପାସ୍ ହାର ୯୮.୨୫ ପ୍ରତିଶତ ରହିଛି। ଜିଲ୍ଲାରେ ମୋଟ୍ ୪୨ହଜାର ୯୧୮ ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି। ବିଭିନ୍ନ ଜିଲ୍ଲାରେ ଚଳିତ ବର୍ଷ ଛାତ୍ରଙ୍କ ଠାରୁ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି। କିନ୍ତୁ ଗଞ୍ଜାମ ଜିଲ୍ଲାରେ ଛାତ୍ରୀଙ୍କ ତୁଳନାରେ ଛାତ୍ରଙ୍କ ପାସ୍ ହାର ସାମାନ୍ୟ ଅଧିକ ରହିଛି। ମୋଟ ପାସ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨୧ହଜାର ୬୧୧ଜଣ ଛାତ୍ର ଉତୀର୍ଣ୍ଣ ହୋଇଥିବା ବେଳେ ୨୧ହଜାର ୩୦୭ଛାତ୍ରୀ ପାସ୍ କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ସମୁଦାୟ ୬୩୮ଟି ବିଦ୍ୟାଳୟରୁ ୪୪ହଜାର ୨୦୬ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଥିଲେ। ସେଥିରୁ ବିଭିନ୍ନ କାରଣରୁ ୫୨୨ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଜିଲ୍ଲାରେ ମୋଟ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏ'ୱାନ' ଗ୍ରେଡରେ ୩୦୪ଜଣ, ଏ-୨ରେ ୧୪୮୦ଜଣ, ବି-୧ରେ ୩୭୦୪, ବି-୨ରେ ୭୪୪୩, ସି ଗ୍ରେଡ'ରେ ୧୧ହଜାର୨୦୧, ଡ଼ି ଗ୍ରେଡ'ରେ ୧୨ହଜାର ୧୧୮, ଇ ଗ୍ରେଡ'ରେ ୬ହଜାର ୬୬୮ ଏବଂ ଏଫ ଗ୍ରେଡ୍‌ରେ ୭୭୬ଜଣ ରହିଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା ଓ ମଧ୍ୟମା ପରୀକ୍ଷା ୨୦୨୬ର ପରୀକ୍ଷା ଫଳ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଫେବ୍ରୁଆରୀ ୧୯ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ତାରିଖରେ ଶେଷ ହୋଇଥିଲା।

**ଏ 'ୱାନ' ଗ୍ରେଡରେ ୩୦୪ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ**

# ପରିଶ୍ରମ ଓ ସମୟାନୁବର୍ତ୍ତିତାର ପଥ ଦେଖାଏ ଶ୍ରମିକ



**ବ୍ରହ୍ମପୁର, ୨।୫(ସମିସ):** ହିଲ୍‌ପାଟଣା ସ୍ଥିତ ସଂସ୍କୃତି ଭବନ ଠାରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାଂସଦ ବ୍ରହ୍ମପୁର ଡ଼ ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗ ଦେଇ ଗଞ୍ଜାମ ଜିଲ୍ଲାର ଶ୍ରମିକମାନେ ଭାରି ପରିଶ୍ରମୀ, ସରଳ, ନିଷ୍କପଟ ଓ ସମୟାନୁବର୍ତ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ବ୍ରହ୍ମପୁର ମହାନଗର ନିଗମ କମିଶନର ସୁଶ୍ରୀ ଏ ସସ୍ୟ ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଯୁଗ୍ମ ଶ୍ରମ ଆୟୁକ୍ତ ସୁମିତ୍ରା ମାଝୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ପ୍ରଭଗୀୟ ଶ୍ରମ ଆୟୁକ୍ତ ବ୍ରହ୍ମପୁର ବାବୁଚରଣ ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ସୂରଥ କୁମାର ସ୍ୱାଇଁ ସଭା ପରିଚାଳନା କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ବର୍ଷା ରାଣୀ ଜେନା ଓ ସୁଶ୍ରୀ ଶୁଭଲକ୍ଷ୍ମୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏ ଅବସରରେ ୩୭୦ଜଣ ହିତାଧିକାରୀଙ୍କୁ ଶିକ୍ଷା ସହାୟତା ନିମନ୍ତେ ୨୫.୪୫.୪୦୦ଟଙ୍କା, ୬୪୪ ଜଣ ହିତାଧିକାରୀଙ୍କୁ ବିବାହ ସହାୟତା ନିମନ୍ତେ ୩.୨୧.୨୮.୦୦୦ ଟଙ୍କା, ୩୯ ଜଣ ହିତାଧିକାରୀଙ୍କୁ ପ୍ରସୁତୀକାଳୀନ ସହାୟତା ନିମନ୍ତେ ୩.୯୦.୦୦୦ ଟଙ୍କା, ୧୧୪ ଜଣ ହିତାଧିକାରୀଙ୍କ ମନୋନୀତ ବ୍ୟକ୍ତିଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ବାବଦକୁ ୩.୧୨.୦୦୦୦୦ ଟଙ୍କା, ୯୪ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ଜନିତ ସହାୟତା ରାଶି ବାବଦକୁ ୪.୭୦.୦୦୦ ଟଙ୍କା ଏବଂ ଏହିପରି ୧୨୬୧ ଜଣ ହିତାଧିକାରୀଙ୍କୁ ମୋଟ ୬.୬୭.୩୦.୪୦୦ ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ପଠାଯିବ ବୋଲି ଏଠାରେ କୁହାଯାଇଛି। ସେହିଭଳି ୨୦୦ ଜଣ ନିର୍ମାଣ ଶ୍ରମିକ ଏବଂ ୫୦ଜଣ ଅଣ ସଂଗଠିତ ପଞ୍ଜୀକୃତ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଅଛି। ଗଞ୍ଜାମ ଜିଲ୍ଲାର ଅଦ୍ୟାବଧି ମୋଟ ୪୨୦୭୪୦ଜଣ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ୩୪୫୦୩ ଜଣ ଶ୍ରମିକଙ୍କୁ ଅଣ ସଂଗଠିତ ବୋର୍ଡରେ ପଞ୍ଜୀକୃତ ହୋଇଛନ୍ତି।

### ଅଖିଳ ଭାରତ ଟ୍ରେଡ଼ ୟୁନିଅନ କଂଗ୍ରେସ

ଅଖିଳ ଭାରତ ଟ୍ରେଡ଼ ୟୁନିଅନ କଂଗ୍ରେସ ପକ୍ଷରୁ ଶ୍ରମିକ ଦିବସ ଅବସରରେ ପାର୍କ ସାହି ଜିଲ୍ଲା କାର୍ଯ୍ୟାଳୟରେ ପ୍ରଶାନ୍ତ କୁମାର ପଟ୍ଟଯୋଶୀ ପତାକା ଉତ୍ତୋଳନ କରିଥିଲେ। ତତପରେ କାମଦେବ ନାହାକଙ୍କ ସଭାପତିତ୍ୱରେ ଏକ ଆଲୋଚନା ସଭା ଅନୁଷ୍ଠିତ ହେଇଥିଲା। ଶ୍ରମିକ ନେତା ପ୍ରକାଶ ପାତ୍ର ସରକାର ଶ୍ରମିକମାନଙ୍କୁ ଶୋଷଣ କରି ପୁଞ୍ଜିପତିଙ୍କ ଦଲାଲ କରୁଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରଦୀପ ସେଠି, ସୁଧୀର, ବିଭୂତି ଭୂଷଣ ମହାନ୍ତି, ପ୍ରଫୁଲ୍ଲ ଜେନା, ଗାଗାରିନ ନାୟକ, ରୋହିତ ବିଶୋଇ, ମହମ୍ମଦ ଉଷାମାନ, କୃଷ୍ଣ ମହାରଣା, ମହେନ୍ଦ୍ର ପାତ୍ର ଓ ତ୍ରିଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



### ଶ୍ରମିକ ଏବଂ ନିଷ୍ପେଷିତ ଲୋକ ଏକଜୁଟ ହୁଅନ୍ତୁ: ଟିୟୁସିଆଇ



ଟ୍ରେଡ ୟୁନିଅନ ସେଣ୍ଟର ଅଫ୍ ଇଣ୍ଡିଆ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଫାଷ୍ଟଗେଟରୁ ଶ୍ରମିକଙ୍କ ଶୋଭାଯାତ୍ରା ତାଲୁକା ପର୍ଯ୍ୟନ୍ତ ସହର ପରିକ୍ରମା କରି ପୁଣି ଫାଷ୍ଟ ଗେଟ୍‌ଠାରେ ଶ୍ରମିକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନର ଜିଲ୍ଲା ସଭାନେତ୍ରୀ ଟି ପାର୍ବତୀ ଅଧ୍ୟକ୍ଷତା କରିଥିଲେ। ଟ୍ରେଡ ୟୁନିଅନ ସେଣ୍ଟର ଅଫ୍ ଇଣ୍ଡିଆର ରାଜ୍ୟ ସମ୍ପାଦକ ଶଙ୍କର ଇନକିଲାବ ସଂଘର୍ଷ କରି ଶ୍ରମିକଙ୍କ ଅଧିକାର ପୁନଃ ସ୍ଥାପନା କରିବା ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯଶୋଦା ନାୟକ, ପ୍ରତାପ ଚନ୍ଦ୍ର ସାହୁ, ପୂର୍ଣ୍ଣବାସୀ ବେହେରା, ସଞ୍ଜୟ ସାହୁ, ଶୁଶାନ୍ତ ଦାଶ, ରୁନୁ ନାହକ, ଲକ୍ଷ୍ମଣ ସେଠୀ, ଅମୂଲ୍ୟ ନାୟକ, ମିଥୁନ ନାହକ, ପି ଯୋଗେନ୍ଦ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### କେନ୍ଦ୍ରୀୟ ଶ୍ରମିକ ସଂଗଠନ



କେନ୍ଦ୍ରୀୟ ସଂଗଠନ ଗୁଡ଼ିକ ପକ୍ଷରୁ ମଇ ଦିବସ ଅବସରରେ ଏକ ମିଳିତ ଶ୍ରମିକ ସମାବେଶ ପୁରୁଣା ବସଷ୍ଟାଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ବିଶ୍ୱବ୍ୟାପୀ ସରକାର ଓ ମାଲିକ ଏକାକାର ହୋଇ ଶ୍ରମିକ ମାନଙ୍କ ଅଧିକାର ଛଡାଇ ନେବା ପାଇଁ ଅହରହ ଚକ୍ରାନ୍ତ କରୁଛନ୍ତି। ଆମ ଦେଶର ମୋଦି ସରକାରଙ୍କ ଶ୍ରମ ଆଇନ ପରିବର୍ତ୍ତନ କରି ଶ୍ରମ କୋଡ଼ ପ୍ରଣୟନ କରିଛନ୍ତି। ଯାହାକି ଶ୍ରମିକମାନଙ୍କୁ ମାଲିକର ଗୋଟି ଶ୍ରମିକରେ ପରିଣତ କରିବା ସହ ସଂଘ ଗଠନ, ସ୍ଥାୟୀ ଚାକିରୀ ଓ ପେନସନ ଭଳି ସାମାଜିକ ସୁରକ୍ଷା ଉପରେ ଆକ୍ରମଣ ଆରମ୍ଭ ହୋଇଛି ବୋଲି ଏଠାରେ କୁହାଯାଇଛି। ଶ୍ରମିକ ଦିବସରେ ଶ୍ରମିକମାନଙ୍କ ଅଧିକାର ସୁରକ୍ଷା ପାଇଁ ମିଳିତ ଭାବେ ଲଢ଼ିବା ନିମନ୍ତେ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ପ୍ରଦୀପ ସେଠି, କାମଦେବ ନାହାକ, ଭୋକାଲି ସେଠି, ସାକା ବାଲାଜି, ସନ୍ତୋଷ ସାହୁ ଓ ପପୁନ ସାହୁ, ପୁଫଲା ଜେନା, ଏ ସୁଧୀର କୁମାର, ମାଗୁଣି ବିଷୋୟୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ସର୍ବନିମ୍ନ ମଜୁରୀ ୩୦ ହଜାର କର: ଇଫ୍‌ଟୁ

**ବ୍ରହ୍ମପୁର, ୨।୫(ସମିସ):** ସର୍ବ ଭାରତୀୟ ଶ୍ରମିକ ସଂଗଠନ, ଇଫଟୁ ତରଫରୁ ଆଜି ବିଭିନ୍ନ ସ୍ଥାନରେ ଶ୍ରମିକ ଦିବସ ପାଳିତ ହୋଇଛି। ଏହିକ୍ରମରେ ଏମକେସିଜି ମେଡିକାଲ କଲେଜ ହସ୍ପିଟାଲ ପରିସରରେ ମିଳିତ କର୍ମଚାରୀ ମାନଙ୍କ ତରଫରୁ ପତାକା ଉତ୍ତୋଳନ କରିଯାଇଥିଲା। ଅପରାହ୍ନରେ ପ୍ରକାଶମ ହଲରେ ଏକ ଆଲୋଚନା ସଭା ହୋଇଥିଲା। ଏଥିରେ ସ୍ତମ୍ଭକାର ଭାଲ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହି ବର୍ତ୍ତମାନ ସରକାରଙ୍କ ଦ୍ୱାରା ଶ୍ରମିକ ମାନଙ୍କ ପ୍ରତି ହେଉଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରିଥିଲେ। କାର୍ଯ୍ୟକ୍ରମରେ ଇଫଟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନଙ୍କ ସମେତ ନମିତା ନାୟକ, ପି. ରମେଶ ରାଓ, ସନ୍ତୋଷ ପାତ୍ର, ରାଧିକା ବିଷୋୟୀ, ଚିତ୍ତ ରଞ୍ଜନ ସାହୁ, ସନ୍ତୋଷ ନାୟକ, ଅର୍ଚ୍ଚନା ନାୟକ, ଶିବାନୀ ଖଟେଇ, ପି. ସୂର୍ଯ୍ୟ ନାରାୟଣ ନାୟକ, ଲିଟୁ ନାୟକ, ପେଦିନୀ ପୁଷ୍ପାଞ୍ଜଳୀ ରୁଦ୍ର ମଲ୍ଲିକ, ପୂଜା ନାୟକଙ୍କ ସହ ବିଭିନ୍ନ ବର୍ଗର କର୍ମଚାରୀ ଉପସ୍ଥିତ ଥିଲେ।



■ ଠାକୁରାଣୀ ଯାତ୍ରାର ୪ର୍ଥ ଦିନ

# ମା'ଙ୍କ ନଗର ପରିକ୍ରମା; ବଢୁଛି ଭିଡ଼



ଭଞ୍ଜନଗର,୨।୫(ସମିସ): ଐତିହାସିକ ଠାକୁରାଣୀ ଯାତ୍ରା ଶନିବାର ଚତୁର୍ଥ ଦିନରେ ମା'ଙ୍କ ୪ର୍ଥ ଦିନର ନଗର ପରିକ୍ରମା ସଂପନ୍ନ ହୋଇଛି। ସେପଟେ କାଳବୈଶାଖୀ ପ୍ରଭାବରୁ ପ୍ରବଳ ଝଡ଼ବର୍ଷା ଯୋଗୁଁ ପ୍ରଥମ ଦିନର ସାଂସ୍କୃତିକ ସନ୍ଧ୍ୟା ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଧୋଇ ହୋଇଯିବାରୁ ଦର୍ଶକଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସ୍ୱସ୍ତି ସିଦ୍ଧି ଭଜନ ମଣ୍ଡଳୀ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ପରେ ସହରର ଅନ୍ୟତମ ଅଗ୍ରଣୀ ନୃତ୍ୟାନୁଷ୍ଠାନ ନୃତ୍ୟାୟନ ସଙ୍ଗୀତ ପକ୍ଷରୁ ନୃତ୍ୟ ସଙ୍ଗୀତର କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶୁକ୍ରବାର ମା' ବ୍ୟାଘ୍ର ଦେବୀ ଓ ମା' ଠାକୁରାଣୀ ତୃତୀୟ ଦିନ ନଗର ପରିକ୍ରମା ପୁରୀର ହଲିଡେ ରିସର୍ଟର ମୁଖ୍ୟ ରାଜ କିଶୋର ପାତ୍ର ଓ ତାଙ୍କ ସହଧର୍ମିଣୀ ପୁଷ୍ପା ପାତ୍ର ନେଇଥିଲେ। ସହରର ମୁଖ୍ୟ ରାସ୍ତାରେ ଥିବା ରାଜ କିଶୋରଙ୍କ ଶଳା ବି. ମହେଶ୍ୱର ପାତ୍ରଙ୍କ ବାସଭବନ ଆଗରେ ଦେବୀ ପୂଜା ଗ୍ରହଣ କରିଥିଲେ। ସେଠାରୁ ପଟୁଆର ଆଗକୁ ବଢିବା ସହ ମ୍ୟୁନିସିପାଲଟିର ପୁରୁଣା ପରିବା ମାର୍କେଟ ଗଳିରେ ଯାଇଥିଲା। ପରେ ମେଦିରି, ସାନ ଧୋବାସାହି ହୋଇ ଦେବୀଙ୍କ ଶୋଭାଯାତ୍ରା ପୁରୁଣା ବଜାର ସାହି, ବାଟାଗଳି ଦେଇ ପୁରୁଣା ପୋଷ୍ଟଅଫିସ ସାହି ହୋଇ ଶିଗିଡିସାହି ଦେଇ ମସଜିଦ ଛକକୁ ବାହାରି ସେଠାରୁ ମୁଖ୍ୟ ରାସ୍ତାକୁ ଆସି ରାତି ସାଢେ ୧୨ଟା ସୁଦ୍ଧା ଗମ୍ଭୀରାରେ ପ୍ରବେଶ କରି ଭୋଗ ଗ୍ରହଣ ଓ ଆଳତୀ ଲାଗି ହେବା ପରେ ପହଡ଼ ପଡ଼ିଥିଲା।

ପ୍ଲଟ୍ ବ୍ୟବସାୟୀ ସୁଧୀର ହତ୍ୟା ମାମଲା

# ପୁଣି ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା ପୁଲିସ

■ ବାପା ଦଶାହରେ ଅପହରଣ ପ୍ଲାନିଂ କରିଥିଲେ ନିବେଦିତା
■ ପ୍ରେମ ନୁହେଁ; ସମ୍ପତ୍ତିକୁ ନେଇ ଇର୍ଷାପରାୟଣତାରୁ ଅପହରଣ
■ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପୁଣି କ୍ରାଇମ ସିନ୍ ରିକ୍ରିଏସନ

ବ୍ରହ୍ମପୁର,୨।୫(ସମିସ)

ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ଓ ହତ୍ୟା ଘଟଣାରେ ଅଭିଯୁକ୍ତ ଶୁଭମ ଗୌଡ ଓ ଶୁଭମ ନାୟକଙ୍କୁ ଗୋପାଳପୁର ପୁଲିସ ଦୁଇ ଦିନିଆ ରିମାଣ୍ଡରେ ନେଇ ଜେରା କରୁଛି। ପ୍ରଥମ ପର୍ଯ୍ୟାୟରେ ନିବେଦିତାଙ୍କ ପୁରୁଷବନ୍ଧୁ କାଳୁଚରଣ ପ୍ରଧାନ, ସାର୍ପ ସୁଟର ସୂର୍ଯ୍ୟ ପ୍ରତାପ ସିଂ, ନାରାୟଣ ପ୍ରଧାନ, ଆଶିଷ ମହାପାତ୍ର ଓ ଜିତୁନ୍ ପଲେଇଙ୍କୁ ୩ଦିନିଆ ରିମାଣ୍ଡରେ ନେଇଥିଲା ପୁଲିସ। ଦ୍ୱିତୀୟ ପର୍ଯ୍ୟାୟରେ ଦିନିକିଆ ରିମାଣ୍ଡରେ ସୁଧୀରଙ୍କ ଝିଆରୀ ନିବେଦିତା ପାତ୍ର, ପୁତୁରା ତୁଷାର ପାତ୍ର, ନିବେଦିତାଙ୍କ ପୁରୁଷବନ୍ଧୁ କାଳୁ ଚରଣ ପ୍ରଧାନ ଏବଂ ସାର୍ପସୁଟର ସୂର୍ଯ୍ୟ ପ୍ରତାପ ସିଂଙ୍କୁ ନେଇ ପୁଲିସ କରିଥିଲା ପଚରାଉଚରା। ଆଜି ତୃତୀୟ ପର୍ଯ୍ୟାୟରେ ଅନ୍ୟତମ ଅଭିଯୁକ୍ତ ଶୁଭମ୍ ଗୌଡ ଓ ଶୁଭମ୍ ନାୟକଙ୍କୁ ୨ ଦିନିଆ ରିମାଣ୍ଡରେ ନେବା ପାଇଁ ଜେଏମଏଫସି ରୁରାଲ କୋର୍ଟରେ ଆବେଦନ କରିଥିଲା। ପୁଲିସ ଆବେଦନକୁ ଗ୍ରହଣ କରି କୋର୍ଟ ଅନୁମତି ପ୍ରଦାନ କରିଥିଲେ। ଫଳରେ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ବ୍ରହ୍ମପୁର ଜେଲ୍‌ରୁ ଗୋପାଳପୁର ଥାନାକୁ ନେଇ ମାରାଥନ୍ ଜେରା କରିଛି। ତେବେ ସୁଧୀରଙ୍କୁ ଅପହରଣ କରାଯାଇଥିବା ବୋଲେରୋ ଗାଡ଼ି ଚଳାଇଥିଲେ ଶୁଭମ ଗୌଡ ଓ ଅପହରଣ ପରେ କେଉଁ କେଉଁ ସ୍ଥାନକୁ ନେଇ ନିର୍ଯାତନା ଦିଆଯିବ ରୁଟ୍ ପ୍ଲାନ କରିଥିଲେ ଶୁଭମ୍ ନାୟକ। ଉଭୟଙ୍କୁ ମାରାଥନ୍ ଜେରା ପରେ ନୂଆ ତଥ୍ୟ ମିଳିଛି। ସୂଚନା ପ୍ରକାରେ ନିବେଦିତା ଓ କାଳୁର ପରିଚୟ ଫେସବୁକରୁ ହୋଇଥିଲା। କିଛିଦିନ ଚାଟିଂ ପରେ ଫୋନ୍ ନମ୍ବର ଦିଆନିଆ ଓ ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୨୫ ଜୁନ୍ ୯ରେ ନିବେଦିତାଙ୍କ ବାପା ତଥା ଆଇନଜୀବୀ ମନୋଜ କୁମାର ପାତ୍ରଙ୍କ ମୃତ୍ୟୁ ହୋଇଥିଲା। ଚିକିତ୍ସାରେ ଅବହେଳା ସହ ଗୁଣିଗାରେଡ଼ି କରି ମନୋଜଙ୍କୁ ମାରିଦିଆଯାଇଥିବା ନେଇ ନିବେଦିତାଙ୍କ ପରିବାର ଲୋକେ କକା ସୁଧୀରଙ୍କ ଉପରେ ସନ୍ଦେହ କରିଥିଲେ। ଏହାପରେ ପାରିବାରିକ ବିବାଦ ଦେଖା ଦେଇଥିଲା। ମନୋଜଙ୍କ ଦଶାହ କାର୍ଯ୍ୟରେ ନିବେଦିତା ନିଜ ପ୍ରେମିକ କାଳୁକୁ ଡାକି ପରିବାର ଲୋକଙ୍କ ସହ ପରିଚୟ କରାଇଥିଲେ। ଦଶାହ ଓ ଦ୍ୱାଦଶାହ କାର୍ଯ୍ୟରେ କାଳୁ ନିବେଦିତାଙ୍କ ସତ୍ୟନାରାୟଣପୁର ଗ୍ରାମ ସ୍ଥିତ ଘରକୁ ଆସିଥିଲେ। ଏହାପରେ ନିବେଦିତାଙ୍କ ପରିବାର ସଦସ୍ୟ ସୁଧୀରଙ୍କ ପରିବାର ସଦସ୍ୟଙ୍କ ସହ ଝଗଡ଼ା କରି ବ୍ରହ୍ମପୁର ଗୋଷାଣୀନୁଆଗାଁ ସ୍ଥିତ ଅନ୍ଧପସରା ରୋଡ଼ରେ ଥିବା ଏକ ଆପାର୍ଟମେଣ୍ଟକୁ ସ୍ଥାନାନ୍ତର ହୋଇଥିଲେ। ଇତିମଧ୍ୟରେ ନିବେଦିତା ସବୁଦିନ କାଳୁକୁ ଦାଦା ସୁଧୀର ତାଙ୍କ ବାପାଙ୍କୁ ଗୁଣିଗାରେଡି କରି ମାରିଥିବା କହି ଆସୁଥିଲେ। ପରେ କାଳୁ କମାପଲ୍ଲୀ ଅନନ୍ତନଗର ନିବାସୀ ଅପରାଧୀ ରଞ୍ଜନଙ୍କ ସହ ଯୋଗାଯୋଗ କରିଥିଲେ। ରଞ୍ଜନ ଅନ୍ୟଜଣେ ଅପରାଧୀ ମୁକେଶ ସହ ମିଶି କାଳୁକୁ ସହାୟତାର ହାତ ବଢାଇଥିଲେ। ପରେ ମୁକେଶ ଓ ରଞ୍ଜନ ସୁରଟର ପେଷାଦାର ଅପରାଧୀ ସୂର୍ଯ୍ୟପ୍ରତାପ ସିଂ ଓରଫ ଗଲୁକୁ ସୁଧୀରଙ୍କୁ ଅପହରଣ କରିବା ଆଉ ମୋଟା ଅଙ୍କର ଅର୍ଥ ଦାବି କରିବା ସମ୍ପର୍କରେ ଆଲୋଚନା କରିଥିଲେ। ନିବେଦିତାଙ୍କ କହିବା ପ୍ରକାରେ ରଞ୍ଜନ, ମୁକେଶ, ସୂର୍ଯ୍ୟ ଓ କାଳୁ ମିଶି ସୁଧୀରଙ୍କୁ ଅପହରଣ ପ୍ଲାନିଂ କରିଥିଲେ। ଏଥିରେ ଆଶିଷ, ନାରାୟଣ, ଶୁଭମ ଗୌଡ଼ ଓ ଶୁଭମ ନାୟକଙ୍କ ସମେତ ଏକାଧିକଙ୍କୁ ନିୟୋଜିତ କରାଯାଇଥିଲେ। ଯୋଜନା ମୁତାବକ ଗତ ଏପ୍ରିଲ ୧୫ରେ ସୁଧୀର ଗୋପାଳପୁରରେ ଭଲିବଲ୍ ଖେଳି ଘରକୁ ଫେରୁଥିବା ସମୟରେ କାଳୁ, ଗୋଲୁ, ମୁକେଶ, ରଞ୍ଜନ ଓ ସହଯୋଗୀମାନେ ଏକ ବୋଲେରୋରେ ଉଠାଇ ନେଇଥିଲେ।

ଅନ୍ୟପଟେ, ସୁଧୀରଙ୍କୁ ହତ୍ୟା ଘଟଣାରେ ଆସିଛି ପୁଣି ନୂଆ ତଥ୍ୟ। ଋଣ କରଜରେ ବୁଡ଼ି ରହିଥିବା କାଳୁ କିଭଳି ମୁକ୍ତି ପାଇବେ ସେ ନେଇ ନିବେଦିତାଙ୍କ କଥାରେ ସୁଧୀରଙ୍କୁ ଅପହରଣ କରିଥିବା ଜଣାପଡ଼ିଛି। କାଳୁ ଗ୍ରାଜୁଏଟ୍ ହୋଇଥିବା ବେଳେ କିଛିବର୍ଷ ପୂର୍ବରୁ ଅନ୍ୟ ରାଜ୍ୟରେ ଏକ କମ୍ପାନୀରେ ଚାକିରି କରୁଥିଲେ। କମ୍ପାନୀରୁ ଲକ୍ଷାଧିକ ଟଙ୍କା ଧରି ଗଞ୍ଜାମକୁ ଚାଲି ଆସିଥିଲେ। ଏହାପରେ ସେ ଅନ୍ୟ ଏକ ରାଜ୍ୟକୁ ଯାଇ ସେଠାରେ କ୍ୟାସିନୋରେ ଜୁଆ ଖେଳି ୨୮ ଲକ୍ଷ ଟଙ୍କା ହାରି ଯାଇଥିଲେ। ଏଥିପାଇଁ ଧାର କରିଥିବା ୨୮ ଲକ୍ଷ ଟଙ୍କା କିଭଳି ପରିଶୋଧ କରିବେ ଚିନ୍ତାରେ ଥିଲେ। ଫଳରେ ସୁଧୀରଙ୍କୁ ଅପହରଣ ପାଇଁ ନିବେଦିତାଙ୍କ କଥାରେ ରାଜି ହୋଇଥିବା ବେଳେ ଏଥିପାଇଁ ୩୦ଲକ୍ଷ ଟଙ୍କା ନିବେଦିତାଙ୍କୁ ମାଗିଥିଲେ। ନିବେଦିତା କହିଥିଲେ ୨କୋଟି ଆସିବା ପରେ ୩୦ଲକ୍ଷ ଟଙ୍କା ଦିଆଯିବ। ସେପଟେ ମାତ୍ର ୫ଘଣ୍ଟାର ଜେରାରେ ପୁଲିସ ନିକଟରେ ସତ ଓଗାଳିଛନ୍ତି ନିବେଦିତା। ହତ୍ୟା ପାଇଁ ନୁହେଁ ବରଂ ଦାଦାଙ୍କୁ ଅପହରଣ କରି ତାଙ୍କଠାରୁ ଅର୍ଥ ଆଦାୟ କରିବା ହିଁ ଉଦ୍ଦେଶ୍ୟ ଥିବା ସ୍ପଷ୍ଟ କରିଛନ୍ତି ନିବେଦିତା। ହେଲେ ନିଶାସକ୍ତ ଅବସ୍ଥାରେ ଅପହରଣକାରୀ ସୁଧୀରଙ୍କୁ ପିଟି ପିଟି ମାରିଦେଇଛନ୍ତି। ଏସବୁ ଯୋଜନା ପଛରେ ତାଙ୍କ ମା କିମ୍ବା ମାମୁଁଙ୍କର କୌଣସି ହାତ ନ ଥିବା ନିବେଦିତା ଜେରା ବେଳେ ପୁଲିସକୁ କହିଥିବା ଜଣାପଡ଼ିଛି। ସେପଟେ ନିବେଦିତାଙ୍କ ସହ ତୁଷାର, କାଳୁ ଓ ସୂର୍ଯ୍ୟଙ୍କୁ ଦିନିକିଆ ରିମାଣ୍ଡରେ ଆଣି ଜେରା ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା କହିଛନ୍ତି ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର। ପୁଲିସ ଦୁଇ ଦିନିଆ ରିମାଣ୍ଡରେ ନେଇ ଆଜି ସୁଧୀର ଅପହରଣର କ୍ରାଇମ ସ୍ପଟରେ ପହଞ୍ଚିଥିଲା। ସେଠାରେ ଶୁଭମ ତାଙ୍କ ବୋଲେରୋ ଗାଡ଼ି କେଉଁ ଠାରେ ଲୁଚାଇ ରଖିଥିଲେ। ଉକ୍ତ ଗାଡ଼ିରେ କିଏ କିଏ ଥିଲେ। ସୁଧୀରଙ୍କୁ ଅପହରଣ ବେଳେ ତାଙ୍କ ମୁଣ୍ଡରେ କିଏ ବନ୍ଧୁକ ରଖିଥିଲା। ସେଠାରୁ ସେମାନେ ଗାଡ଼ିକୁ ନେଇ କେଉଁ ସ୍ପଟକୁ ଯାଇଥିଲେ ସେସବୁର ସିନ୍ ରିକ୍ରିଏସନ ବେଳେ ଶୁଭମ ନାୟକ ପୁଲିସକୁ ଡେମୋ କରି ଦେଖାଇଥିଲା। ରବିବାର ମଧ୍ୟ ପୁଲିସ ଉଭୟଙ୍କୁ ନେଇ ବିଭିନ୍ନ ସ୍ଥାନରେ ସିନ ରିକ୍ରିଏସନ କରିବ ବୋଲି ସଦର ଏସ୍‌ଡ଼ିପିଓ ଶୁଭ୍ରାଂଶୁ ଶେଖର ପରିଡା ସୂଚନା ଦେଇଛନ୍ତି। ଆଜିର ଡେମୋ ବେଳେ ଗୋପାଳପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ଓ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

■ ପୀତବାସ ପଣ୍ଡା ହତ୍ୟା ମାମଲା

# ଅଭିଯୁକ୍ତଙ୍କ ଡିସ୍‌ଚାର୍ଜ ପିଟିସନର ଶୁଣାଣି ଆସନ୍ତା ୧୧ ଓ ୧୩ରେ

ବ୍ରହ୍ମପୁର,୨।୫(ସମିସ): ବହୁଚର୍ଚ୍ଚିତ ପିତବାସ ପଣ୍ଡା ହତ୍ୟା ମାମଲାରେ ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଶୁଣାଣି ହୋଇଥିଲା। ଗିରଫ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଳେଇଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ପିଟିସନ ଉପରେ ଶୁଣାଣି ବେଳେ ଏମକେସିଜି ମେଡିକାଲ

■ ଆଇନଜୀବୀ ମଦନ ଦଳେଇଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ପରବର୍ତ୍ତି ଶୁଣାଣି ୫ରେ
■ ରିପୋର୍ଟ ପ୍ରଦାନରେ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ

କର୍ତ୍ତୃପକ୍ଷଙ୍କ ଠାରୁ ରିପୋର୍ଟ ଆସିନଥିବାରୁ ଏହି ଶୁଣାଣିକୁ ଆସନ୍ତା ୫ତାରିଖକୁ ରଖାଯାଇଛି। ଆଇନଜୀବୀ ମଦନ ଦଳେଇଙ୍କ ଗୋଡରେ ଅସ୍ତ୍ରୋପଚାର କରାଯିବ। ଏନେଇ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମଦନଙ୍କୁ ଜେଲରୁ ଏମକେସିଜି ମେଡିକାଲକୁ ଅଣାଯାଇଥିଲା। ୧୭ ତାରିଖରେ ମଦନ ଅସ୍ତ୍ରୋପଚାର ପାଇଁ ଲିଖିତ ସହମତି ପ୍ରକାଶ କରିଥିଲେ। ତେବେ ଆଜି ପର୍ଯ୍ୟନ୍ତ ତାଙ୍କର ଅସ୍ତ୍ରୋପଚାର କାହିଁକି ହୋଇନାହିଁ ସେନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ତଲବ କରାଯାଇଛି। ଅସ୍ତ୍ରୋପଚାର ସମୟରେ କାଳେ କିଛି ସମସ୍ୟା ଉପୁଜିପାରେ ଏଣୁ ପୂର୍ବରୁ ମଦନଙ୍କ ଗୋଡରେ ହୋଇଥିବା ଅସ୍ତ୍ରୋପଚାର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ କରିବାକୁ ମଦନଙ୍କ ଓକିଲ ଦୀପକ ପଟ୍ଟନାୟେକ କୋର୍ଟରେ ପିଟିସନ ଜରିଆରେ ନିବେଦନ କରିଛନ୍ତି। ଏହାର ଶୁଣାଣି ଆସନ୍ତା ୫ତାରିଖରେ ହେବାକୁ ଦିନ ଧାର୍ଯ୍ୟ ହୋଇଛି। ସେହିଭଳି ପିତବାସ ହତ୍ୟାକାଣ୍ଡ ମାମଲାରେ ଗିରଫ ୧୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଅଧିକାଂଶ ଅଭିଯୁକ୍ତଙ୍କ ପକ୍ଷରୁ ସେମାନଙ୍କ ଓକିଲ ଡିସଚାର୍ଜ ପିଟିସନ ଦାଖଲ କରିଛନ୍ତି। ତାହା ଉପରେ ଆଜି ଶୁଣାଣି ହୋଇପାରି ନଥିଲା। ଫଳରେ ଆସନ୍ତା ୧୧ତାରିଖରେ ପ୍ରଥମେ ପ୍ରସିକ୍ୟୁସନ ପକ୍ଷରୁ ଏବଂ ପରେ ଅର୍ଥାତ୍ ୧୩ତାରିଖରେ ଡିଫେନ୍ସ ବା ଅଭିଯୁକ୍ତଙ୍କ ପକ୍ଷରୁ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଅଭିଯୁକ୍ତଙ୍କ ଓକିଲଙ୍କ ପକ୍ଷରୁ ସୂଚନା ମିଳିଛି।

ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ନାରଦ ଜୟନ୍ତୀ

# ଯଥାସାଧ୍ୟ ନିରପେକ୍ଷ, ସତ୍ୟନିଷ୍ଠା, ଅନିସନ୍ଧିତ୍ସୁ ଧ୍ୟେୟ ହେଉ




ବ୍ରହ୍ମପୁର,୨।୫(ସମିସ): ବିଶ୍ୱ ସମ୍ବାଦ କେନ୍ଦ୍ର ବ୍ରହ୍ମପୁର ଶାଖା ତରଫରୁ ଶନିବାର ହିଲପାଟଣାସ୍ଥିତ ସିଦ୍ଧ ବିନାୟକ ସେବା ମଣ୍ଡପରେ ଦେବର୍ଷି ନାରଦ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ବାଳକୃଷ୍ଣ ପଣ୍ଡା ଉଦଘାଟକ, ବ୍ରହ୍ମପୁର ମହାନଗର ନିଗମର ଉପାୟୁକ୍ତ କଲ୍ୟାଣ ସଂଘମିତ୍ରା ଦେବୀ ମୁଖ୍ୟ ଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ-ପ୍ରାନ୍ତ ପ୍ରଚାର ପ୍ରମୁଖ ମନୀନ୍ଦ୍ର ସୁନ୍ଦର ଦାସ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ବିଜୁ ପଟ୍ଟନାୟକ ହୋମିଓପାଥି ମେଡିକାଲ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡାକ୍ତର ପ୍ରଶାନ୍ତ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶ୍ରୀ ପଣ୍ଡା ସଂସ୍କୃତି ଆଧାରିତ ଶିକ୍ଷା ଦ୍ୱାରା ରାଷ୍ଟ୍ର ଜାଗରଣ ସମ୍ଭବ ବୋଲି ମତ ରଖି ସାମ୍ବାଦିକମାନେ ସ୍ପଷ୍ଟବାଦୀ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ସାମ୍ପ୍ରତିକ ସମୟରେ ଗଣମାଧ୍ୟମ କ୍ଷେତ୍ରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଯାବତୀୟ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଯଥାସାଧ୍ୟ ନିରପେକ୍ଷ, ସତ୍ୟନିଷ୍ଠା, ନିର୍ଭିକତା, ଅନିସନ୍ଧିତ୍ସୁ ସାମ୍ବାଦିକଙ୍କ ଧ୍ୟେୟ ହେଉ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଦେବର୍ଷି ନାରଦଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଭକ୍ତିସୂତ୍ରର ବାଖ୍ୟା କରି ବର୍ତ୍ତମାନର ସମୟରେ ଗଣମାଧ୍ୟମ ଜଗତରେ ତାହାର ଉପଯୋଗୀତା ବର୍ଣ୍ଣନା କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ପ୍ରମେୟ ବ୍ରହ୍ମପୁର ସଂସ୍କରଣ ଡିଜିଏମ ଅମ୍ବିକା ପ୍ରସାଦ ଦାଶ ଏବଂ ଛତ୍ରପୁରର ସ୍ତମ୍ଭକାର ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ବିଭାଗର ଅତିଥି ଅଧ୍ୟାପକ ଡକ୍ଟର ଭି. ରାଜେନ୍ଦ୍ର ରାଜୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ସମୀର ଆଚାର୍ଯ୍ୟ ଅତିଥି ପରିଚୟ କରିଥିବା ବେଳେ ପ୍ରହ୍ଲାଦ ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ। ରଶ୍ମିତା ପାଣିଗ୍ରାହୀ ମାନପତ୍ର ପାଠ କରିଥିବା ବେଳେ ମାଧବ ନାୟକ ମଞ୍ଚ ସଂଯୋଜନା କରିଥିଲେ। ରାମହରି ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା।

# ବୁଦ୍ଧଦେବ ଥିଲେ କାମନାର ବିନାଶ ମାଧ୍ୟମରେ ମୋକ୍ଷ ପ୍ରଦର୍ଶକ: କଳାକେନ୍ଦ୍ର

ବ୍ରହ୍ମପୁର,୨।୫(ସମିସ): ଅଗ୍ରଣୀ ସାଂସ୍କୃତିକ ବହୁମୁଖୀ ପ୍ରତିଷ୍ଠାନ "ଜାତୀୟ ସଙ୍ଗୀତ କଳାକେନ୍ଦ୍ର" ପକ୍ଷରୁ ପବିତ୍ର ବୁଦ୍ଧ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବରିଷ୍ଠ ସାରସ୍ୱତ ସାଧକ ନିତ୍ୟାନନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ଉଦଘାଟନ କରିବା ସହିତ ସମାଜରେ ଅପସଂସ୍କୃତି ଓ ଅନ୍ଧବିଶ୍ୱାସର ପ୍ରାବଲ୍ୟ କାଳରେ ଅହିଂସାମାର୍ଗୀ ମହାତ୍ମା ଗୌତମ ବୁଦ୍ଧ ଆବିର୍ଭୁତ ହୋଇ କାମନାର ବିନାଶରେ ମୋକ୍ଷ ପଥ ସଂଗୋପିତ ବାର୍ତ୍ତା ପ୍ରଚାର କରିଥିଲେ ବୋଲି ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଉଦବୋଧନ ଦେଇଥିଲେ। କଳାକେନ୍ଦ୍ର ସମ୍ପାଦକ ସ୍ୱରଗୌରବ କୃଷ୍ଣପ୍ରସାଦ ସାବତ ସ୍ୱାଗତ ଭାଷଣ କ୍ରମରେ ଗୌତମ ବୁଦ୍ଧଙ୍କ ସଂକ୍ଷିପ୍ତ ଇତିବୃତ୍ତିର ଅବତାରଣା କରିଥିଲେ। ଏହି ଅବସରରେ ସର୍ବଶ୍ରୀ ଲକ୍ଷ୍ମୀନାରାୟଣ ଆଚାରୀ, କିରଣ କୁମାର ମହାନ୍ତି, ଅରୁଣ କୁମାର ସାହୁ, ସିଦ୍ଧିରଂଜନ ପାଣିଗ୍ରାହୀ, ଅନିଲ ପାଢ଼ୀ, ଗାୟତ୍ରୀ ନାୟକ, ରେଶ୍ମା ନାୟକ, ଖୁସି ଗୁପ୍ତା, କାଜଲ ଗୁପ୍ତା, ପି. ଶୈଳଜା, ଦ୍ରୌପଦୀ ମହାନ୍ତି, ଅନୁରାଧା ମହାପାତ୍ର, ଉମାମଣି ସାବତ, ଶ୍ରୁତି ସ୍ୱାଧୀନା ସାବତ ପ୍ରମୁଖ ପୁଣ୍ୟଶ୍ଳୋକ ବୁଦ୍ଧଦେବଙ୍କ ଫୋଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରିଶେଷରେ ବରିଷ୍ଠ କଳାକାର ମହେନ୍ଦ୍ର କୁମାର ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

● ଗଞ୍ଜାମରୁ ସରୁନି ଦାଦନ ଦୁଃଖ

# ଜମ୍ମୁ-କାଶ୍ମୀରରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଭଞ୍ଜନଗର,୨।୫(ସମିସ): ଗଞ୍ଜାମ ଜିଲ୍ଲାରୁ ଦାଦନ ଦୁଃଖ ପିଛା ଛାଡୁନି। ନିଜ ଭିଟାମାଟିରେ ରୋଜଗାର ନପାଇ ପେଟପାଟଣା ପାଇଁ ଗାଁ ଛାଡି ରାଜ୍ୟ ବାହାରକୁ କିଛି ଟଙ୍କା ପାଇବା ଆଶାରେ କାମ କରିବାକୁ ଯାଇଥିବା ଶ୍ରମିକ ବଦଳରେ ଘରକୁ ଆସୁଛି ମୃତଦେହ। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଭଞ୍ଜନଗର ବ୍ଲକ ବାରୁଡା ପଞ୍ଚାୟତ ରାଇପଲ୍ଲୀ ଗ୍ରାମର ପଞ୍ଚୁ ସେଠିଙ୍କ କ୍ଷେତ୍ରରେ।

ସୂଚନା ଅନୁଯାୟୀ, ରାଇପଲ୍ଲୀ ଗାଁର ପଞ୍ଚୁ ବହୁ ବର୍ଷ ହେବ ଜମ୍ମୁକାଶ୍ମୀର ୱାଧା ନିକଟ ଏକ କନଷ୍ଟ୍ରକସନ କମ୍ପାନୀରେ କାମ କରୁଥିଲେ। ସବୁଦିନ ଭଳି ଶୁକ୍ରବାର ଏକ ବ୍ରିଜ୍ କାମରେ ଶ୍ରମିକ ଭାବେ ନିୟୋଜିତ ଥିଲେ। ହେଲେ ମଧ୍ୟାହ୍ନରେ କୌଣସି କାରଣବଶତଃ ବ୍ରିଜ୍‌ଟି ଭୂଶୁଡି ପଡିଥିଲା। ଫଳରେ ସେଠାରେ କାମ କାମ କରୁଥିବା ଶ୍ରମିକ ମାନେ ଚାପି ହୋଇଯାଇଥିଲେ। ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳର ଦୀର୍ଘ ସମୟ ଧରି ଉଦ୍ଧାର ପରେ କିଛି ଶ୍ରମିକଙ୍କ ମୃତଦେହ ମିଳିଥିଲା। ସେଥିରେ ଭଞ୍ଜନଗର ଭଞ୍ଜନଗର ବ୍ଲକ ରାଇପଲ୍ଲୀ ଗାଁର ପଞ୍ଚୁ ସେଠିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏହି ଖବର ଜଣାପଡିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ନବବିବାହିତାଙ୍କୁ ହତ୍ୟା ଘଟଣାରେ ସ୍ୱାମୀ ଗିରଫ

ବ୍ରହ୍ମପୁର,୨।୫(ସମିସ): ଗୋଳନ୍ଥରା ଥାନା ଅନ୍ତର୍ଗତ କେ. ସୁବାଣୀ ଗ୍ରାମର ନବବିବାହିତା ପଲ୍ଲବୀ ବେହେରା(୨୨)ଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ପୁଲିସ ପଲ୍ଲବୀଙ୍କ ସ୍ୱାମୀ ବନମାଳୀ ବେହେରା(୨୮)ଙ୍କୁ ଗିରଫ କରିଛି। ପୁଲିସ ବନମାଳୀ ଓ ତାଙ୍କ ପରିବାର ସଦସ୍ୟ ନାମରେ ହତ୍ୟା ଓ ଯୌତୁକ ନିର୍ଯାତନା ଜନିତ ମାମଲା ରୁଜୁ କରିଛି। ଆଜି ବନମାଳୀଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରାଯାଇଥିବା ବେଳେ ବନମାଳୀଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ସଂପୃକ୍ତିକୁ ନେଇ ପୁଲିସ ଖୋଳତାଡ଼ ଜାରି ରଖିଛି।

ସୂଚନାଥାଉକି, କେ. ସୁବାଣୀ ଗ୍ରାମର ସୀମାଞ୍ଚଳଙ୍କ ଝିଅ ପଲ୍ଲବୀ ମାର୍ଚ୍ଚ ୧୯ ତାରିଖରେ ବନମାଳୀ ବେହେରାଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ତାଙ୍କ ସ୍ୱାମୀ ଓ ଶାଶୁ ଘର ଲୋକେ ପଲ୍ଲବୀଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ୨୮ ତାରିଖରେ ତାଙ୍କ ଝିଅ ପଲ୍ଲବୀଙ୍କୁ ଶାଶୁ ଘର ଲୋକେ ପୁଣି ମାରପିଟ କରିଥିଲେ। ଆଉ ଶେଷରେ ବିଷ ପିଆଇବା ପରେ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଥିଲେ। ଏହାପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ପଲ୍ଲବୀଙ୍କ ବାପା ପୁଲିସ ନିକଟରେ ଅଭିଯୋଗ କରିଥିଲେ।

# ପରିତ୍ୟକ୍ତ କୋଠାରୁ ମୃତଦେହ ଉଦ୍ଧାର

ଦିଗପହଣ୍ଡି,୨।୫(ସମିସ): ଦିଗପହଣ୍ଡି ଥାନା ମହୁଡା ନିକଟ ଚାଞ୍ଚଡାପଲ୍ଲୀ ଗ୍ରାମ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ପରିତ୍ୟକ୍ତ କୋଠାରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ଶନିବାର ସନ୍ଧ୍ୟାରେ ପୁଲିସ ଜବତ କରିଛନ୍ତି। ମୃତକ ହେଲେ ଚାଞ୍ଚଡାପଲ୍ଲୀ ଗ୍ରାମର ସୁରେନ୍ଦ୍ର ଗୌଡ଼(୫୦)। ସେ ପ୍ରାୟ ୧ ସପ୍ତାହ ହେଲା ନିଖୋଜ ଥିଲେ। ଏନେଇ ଥାନାରେ ଅପମୃତ୍ୟୁ ମାମଲା ନଂ.୨୩/୨୬ ଅନୁଯାୟୀ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇ ଦିଆଯାଇଛି। କୌଣସି କାରଣରୁ ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଆଇଆଇସି କିଶୋର କୁମାର ସାମଲ କହିଛନ୍ତି।

# ରାସ୍ତାରେ ପଡ଼ିଲା ଗଛ; ଅଟକିଲା ଗାଡ଼ିମୋଟର

ସାନଖେମୁଣ୍ଡି,୨।୫(ସମିସ): ଶନିବାର ସନ୍ଧ୍ୟାରେ କାଳବୈଶାଖୀରେ ସାନଖେମୁଣ୍ଡି ବ୍ଲକ ଆସିକା-ଦିଗପହଣ୍ଡି ମୁଖ୍ୟ ରାସ୍ତା ମହାନଳା ଗ୍ରାମ ନିକଟରେ ଏକ ବିରଟକାୟ ଜାମୁକୋଳି ଗଛ ରାସ୍ତା ଉପରେ ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଛି। ରାସ୍ତା ଉଭୟ ପାଶ୍ୱରେ ଅଟକି ରହିଥିଲା ଶହ ଶହ ଯାନବାହାନ। ଉକ୍ତ ରାସ୍ତା ଦେଇ ବିଦ୍ୟୁତ ତାର ଯାଇଥିବା ବେଳେ ବିଦ୍ୟୁତ ତାର ମଧ୍ୟ ଛିଡ଼ିଯାଇଥିବା ହେତୁ ମହାନଳା ଗ୍ରାମ ଅନ୍ଧାରରେ ରହିଛି।



# ପ୍ରକାଶ ପାଇଲା ମାଟ୍ରିକ୍ ଫଳାଫଳ

## ଛତ୍ରପୁର ବ୍ଲକ ଟପ୍ପର ହେଲେ ଅଙ୍କିତ

ଛତ୍ରପୁର,୨।୫(ସମିସ): ଓଡ଼ିଶା ମାଧ୍ୟମିକ ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଗଞ୍ଜାମ ଜିଲ୍ଲାରେ ୯୮.୨୫ ପ୍ରତିଶତ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି। ଏଥିରେ ଛତ୍ରପୁର ବ୍ଲକର ୯୮.୧୮ ପ୍ରତିଶତ ପାସ୍ ହାର ରହିଛି।



ଚଳିତ ବର୍ଷ ଛତ୍ରପୁର ବ୍ଲକ ଅନ୍ତର୍ଗତ ସମସ୍ତ ହାଇସ୍କୁଲରୁ ୨୧୫୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ନିମନ୍ତେ ଫର୍ମ ଫିଲାପ କରିଥିବା ବେଳେ ସେଥିମଧ୍ୟରୁ ମଧ୍ୟରୁ ୨୧୩୮ ଜଣ ଛାତ୍ର ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ଛତ୍ରପୁର ବ୍ଲକରେ ଫଳାଫଳ ଭଲ ହୋଇଥିବାରୁ ଛାତ୍ରଛାତୀ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଛତ୍ରପୁର ଶ୍ରୀରାମନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଅଙ୍କିତ କୁମାର ଆଚାର୍ଯ୍ୟ ମୋଟ ୬୦୦ ରୁ ୫୬୦ନମ୍ବର (୯୩.୩୩%) ମାର୍କ ରଖି ଛତ୍ରପୁର ବ୍ଲକ ଟପ୍ପର ହୋଇଛନ୍ତି। ଏନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ଛତ୍ରପୁର ନିକଟ ସାହେବଜେନା ପଲ୍ଲୀ ଗ୍ରାମର ଏକ ମଧ୍ୟବର୍ତ୍ତି ପରିବାରର ଅଟନ୍ତି। ତାଙ୍କ ବାପା ମନୋଜ କୁମାର ଆଚାର୍ଯ୍ୟ ଜଣେ କଳାକାର ଓ ଛୋଟ ବ୍ୟବସାୟୀ କରୁଥିବା ବେଳେ ମା'ସୁନିତା ଆଚାର୍ଯ୍ୟ ଗୃହଣି ଅଟନ୍ତି। ଅଙ୍କିତଙ୍କ ସଫଳତାର ଶ୍ରେୟ ପ୍ରଥମେ ବାପା, ମା, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଓ ସମସ୍ତ ଗୁରୁଜୀ ଗୁରୁମାଙ୍କୁ ପ୍ରଦାନ କରିଥିବା ବେଳେ ଭଗବାନଙ୍କ ଆଶୀର୍ବାଦରୁ ସେ ଏହି ସଫଳତାର ଶିର୍ଷରେ ପହଂଚି ପାରିଥିବା କହିଛନ୍ତି। ସେ ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିବା ବେଳେ ଆଗାମୀ ଦିନରେ ଜଣେ ଭଲ ଡାକ୍ତର ହୋଇ ରୋଗୀଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏନେଇ ତାଙ୍କ ବିଦ୍ୟାଳୟ ଏବଂ ଘରେ ମିଠା ବାଣ୍ଟି ଖୁସି ଜାହିର କରିଥିବା ଦେଖିବାକୁ ମିଳିଛି।

## ଇସିତା ସାନଖେମୁଣ୍ଡି ବ୍ଲକ ଟପ୍ପର

ସାନଖେମୁଣ୍ଡି,୨।୫(ସମିସ): ୨୦୨୬ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ସାନଖେମୁଣ୍ଡି ବ୍ଲକ ସିଙ୍ଗିପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ତଥା ସିଙ୍ଗିପୁର ଗ୍ରାମର ବାପା



ବାବୁଲା ସାହୁ ଓ ମାଆ ସନ୍ତୋଷୀ ସାହୁଙ୍କ ଝିଅ ଇସିତା ସାହୁ ୫୪୮ ମାର୍କ ରଖି ବ୍ଲକର ଟପ୍ପର ହୋଇଛନ୍ତି। ଏହି ଅବସରରେ ତାଙ୍କୁ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟିଙ୍କ ସମେତ ଅଭିଭାବକ ଓ ଛାତ୍ର ଛାତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

## ଖୁସି ଓ ଆୟୁଷ ଯୁଗ୍ମ ଟପ୍ପର

ଗଞ୍ଜାମ,୨।୫(ସମିସ): ଚଳିତ ବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷା ଫଳାଫଳ ଶନିବାର ଅପରାହ୍ନରେ ପ୍ରକାଶ ପାଇଛି। ଏଥିରେ ଗଞ୍ଜାମ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଖୁସି ବାରିକି ଓ ଭାରତୀ ବିଦ୍ୟାପୀଠର ଛାତ୍ର ଆୟୁଷ ବେହେରା ଗଞ୍ଜାମ ବ୍ଲକ ଟପ୍ପର ହୋଇଛନ୍ତି। ମୋଟ ୬୦୦ ମାର୍କରୁ ଉଭୟ ୯୦% ପ୍ରତିଶତ ଅର୍ଥାତ ୫୪୦ ମାର୍କ ରଖିଛନ୍ତି।





ଖୁସି ହେଉଛନ୍ତି ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମର ବିଦ୍ୟାଧର ବାରିକି ଓ ବନିତା ବାରିକିଙ୍କ ଝିଅ ଏବଂ ଆୟୁଷ ଗଞ୍ଜାମ ସହରର ଛାତ୍ର ଅଟେ। ଉଭୟେ କଠିନ ପରିଶ୍ରମ ଓ ବାପା ବୋଉଙ୍କ ସହଯୋଗ ଏବଂ ସ୍କୁଲ ଓ ଟିଉସନ ଶିକ୍ଷକଙ୍କ ପ୍ରେରଣାରେ ଏହି ସଫଳତା ପାଇଥିବା କହିଛନ୍ତି।

## ପାତ୍ରପୁର ବ୍ଲକ୍‌ରେ ପାସ୍ ହାର ୯୮.୫%

● ସରିନ୍ ବ୍ଲକ ଟପ୍ପର

ପାତ୍ରପୁର,୨।୫(ସମିସ): ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ ପାତ୍ରପୁର ବ୍ଲକ୍‌ରେ ଛାତ୍ରଛାତ୍ରୀଙ୍କ ପାସ୍ ହାର ୯୮.୫% ରହିଛି। ମୋଟ ୧୪୪୧ ଜଣ ପରୀକ୍ଷା ଦେଇଥିବାବେଳେ ୨୧ ଜଣ ଅସଫଳ ହୋଇଛନ୍ତି। ଚଳିତ ବର୍ଷ ତିନିଜଣ ଛାତ୍ରଛାତ୍ରୀ ଏ୧ ଶ୍ରେଣୀରେ ସ୍ଥାନ ପାଇଛନ୍ତି। ବାଦପୁର ରାମେଶ୍ୱର ବିଦ୍ୟାପୀଠର ସରିନ ସାହୁ ୫୪୯ ମାର୍କ ପାଇ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି।



ସାମନ୍ତିଆପଲ୍ଲୀ ମହନ୍ତ ଶ୍ରୀ ପରଙ୍କୁସ ବିଦ୍ୟାପୀଠର ପ୍ରତୀକ୍ଷା ପାଣିଗ୍ରାହୀ ଓ ଡି. ଗାୟତ୍ରୀ ଦୁଇଜଣ ୫୪୦ ମାର୍କ ପାଇ ଏ୧ ଶ୍ରେଣୀରେ ରହି ବ୍ଲକ୍‌ର ଗୌରବ ବଢ଼ାଇଛନ୍ତି। ଏ୨ ଶ୍ରେଣୀରେ ୩୫ ଜଣ, ବି୧ରେ ୨୨୧ ଜଣ, ବି୨ରେ ୨୬୩ ଜଣ, ସିରେ ୩୭୩ ଜଣ, ଡ଼ିରେ ୪୦୪ ଜଣ ଏବଂ ଇ ଗ୍ରେଡ଼ରେ ୨୨୮ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

ସକାଳ THE SAKALA
ଦକ୍ଷିଣ ଓଡ଼ିଶା
www.sakalaepaper.com

● ଗଛରୁ ଝୁଲନ୍ତା ମୃତଦେହ ଠାବ ଘଟଣା

# ଥାନା ଆଗରେ ଧାରଣା ଦେଲେ ଗ୍ରାମବାସୀ



ଦାରିଙ୍ଗବାଡି,୨।୫(ସମିସ): ଦାରିଙ୍ଗବାଡି ଥାନା ମାଣ୍ଡୁବାଡ଼ି ଗାଁ ବଲାମାହା ଜଙ୍ଗଲରୁ ଏକ ଗଛରୁ କାଜୁରିବାଦେରୀ ଗ୍ରାମର ଉଜ୍ଜ୍ୱଳ ସିଂ ଦିଗାଲଙ୍କ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର ଘଟଣାରେ ଶନିବାର ଦିନ ସକାଳେ ପରିବାର ଲୋକ ସମେତ ଗାଁ ଲୋକେ ଦାରିଙ୍ଗବାଡି ଥାନା ମୁଖ୍ୟ ଫାଟକ ସାମ୍ନାରେ ଧାରଣା ଦେଇଥିଲେ। ଉଜ୍ଜ୍ୱଳଙ୍କୁ ହତ୍ୟା କରି ଗଛରେ ଟାଙ୍ଗୀ ଦେଇଥିବା ଅଭିଯୋଗ ହୋଇଥିବା ବେଳେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଚୂପ ଥିବାରୁ ଲୋକେ ଥାନା ଆଗରେ ଧାରଣା ଦେଇ ହତ୍ୟାକାରୀଙ୍କୁ କଡା ଦଣ୍ଡ ଦେବାକୁ ଦାବି କରିଥିଲେ। ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ଓ ବାଲିଗୁଡା ଏସଡିପିଓ ଶୁଭମ ଭୋସଲେ ଧାରଣା ଦେଇଥିବା ଲୋକଙ୍କୁ ବୁଝାସୁଝା କରିବା ସହ ସନ୍ଧାନୀ କୁକୁର ଅଣାଯାଇ ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଦୀର୍ଘ ୫ ଘଣ୍ଟା ପରେ ଧାରଣରୁ ହଟିଥିଲେ ଗ୍ରାମବାସୀ। ଗତ ସୋମବାର ଦିନ ଉଜ୍ଜ୍ୱଳ ସିଂ ସକାଳୁ ଉଠି ଗାଁରୁ ୧୫ କିଲୋମିଟର ଦୂର ମାଣ୍ଡୁବାଡ଼ି ଗ୍ରାମକୁକୁ କାମ କରିବାକୁ ଯାଇଥିଲେ। ହେଲେ ମାଣ୍ଡୁବାଡ଼ି ସ୍ଥିତ ବଲାମାହା ଜଙ୍ଗଲର ଏକ ଗଛରୁ ଉଜ୍ଜ୍ୱଳଙ୍କ ମୃତଶରୀର ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପରିବାର ଲୋକ ହତ୍ୟା ଅଭିଯୋଗ କରିଥିବା ବେଳେ ପୁଲିସ ପିଏମ ରିପୋର୍ଟକୁ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି।

# ସୋରଡ଼ା ବନାଞ୍ଚଳରୁ ପୁରୀ ଗଲା ରଥକାଠ



ସୋରଡ଼ା,୨।୫(ସମିସ): ସୋରଡ଼ା ବନାଞ୍ଚଳ ଅଧୀନ ଗାଜଲବାଡ଼ି ସଂରକ୍ଷିତ ଜଙ୍ଗଲର ପଣ୍ଡାଖୋଲ ଅଞ୍ଚଳରୁ ୫୬ ଖଣ୍ଡ ଢ଼ଉରା କାଠ ଚିହ୍ନଟ କରାଯାଇ ଦୁଇଟି ଟ୍ରକ ଯୋଗେ ପୁରୀ ରଥଖଳାକୁ ପଠାଯାଇଛି। ଚଳିତ ବର୍ଷ ସୋରଡ଼ାରୁ ପ୍ରଥମ ପର୍ଯ୍ୟାୟରେ ଦକ୍ଷିଣ ଘୁମୁସର ବନଖଣ୍ଡ ସୋରଡ଼ା ବାନାଞ୍ଚଳରୁ ରଥକାଠ ଯିବା ବେଳେ ସୋରଡ଼ା ଅଞ୍ଚଳରେ କାଠ ବୋଝେଇ ଗାଡିକୁ ଘଣ୍ଟ, ଗିନି, ମୃଦଙ୍ଗ ବଜାଇ ବନ୍ଦାପନା କରିଛନ୍ତି ଅଞ୍ଚଳବାସୀ। ସୋରଡା ବନ ବିଭାଗ ତରଫରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ସହାୟତାରେ ଗତ କିଛି ଦିନ ତଳୁ କାଠ ଚିହ୍ନଟ କରି ଅତି ସୁନ୍ଦର୍ ଭାବେ ବିରାଟ ପଟୁଆରରେ ରଥ କାଠ ଗାଡ଼ିକୁ ସ୍ୱାଗତ କରିବା ପାଟପଲ୍ଲୀ ଛକ ଠାରେ ପୂଜାର୍ଚ୍ଚନା କରାଯାଇଥିଲା। ବନବିଭାଗ କର୍ମଚାରୀ ମାନେ କାଠ ବୋଝେଇ ଗାଡ଼ିକୁ ପୂଜାର୍ଚ୍ଚନା କରି ବିଦାୟ କରିଛନ୍ତି। ସୋରଡ଼ା ଅଞ୍ଚଳରୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ପୁରୀକୁ ଶ୍ରୀଜୀଉଙ୍କ ରଥ ନିର୍ମାଣ ପାଇଁ କାଠ ଯାଉଥିବାରୁ ଅଞ୍ଚଳବାସୀ ଖୁବ ଖୁସି ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଦକ୍ଷିଣ ଘୁମୁସର ବନଖଣ୍ଡର ସହକାରୀ ବନଖଣ୍ଡ ଅଧିକାରୀ ପ୍ରଦୀପ ବେହେରା, ସୋରଡ଼ା ବନାଞ୍ଚଳ ଅଧିକାରୀ ନିହାର ରଞ୍ଜନ ମଲ୍ଲିକ, ଗାଜଲବାଡ଼ି ସରପଞ୍ଚ ରଶ୍ମିତା ଆଚାର୍ଯ୍ୟଙ୍କ ସମେତ ସୋରଡ଼ା ବାନାଞ୍ଚଳ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଜନଗଣନାରୁ ଫେରୁଥିବା ବେଳେ ଦୁର୍ଘଟଣାରେ ଶିକ୍ଷୟିତ୍ରୀ ଗୁରୁତର



ଦିଗପହଣ୍ଡି,୨।୫(ସମିସ): ଦିଗପହଣ୍ଡିରେ ରହୁଥିବା ପଦ୍ମନାଭପୁର ପଞ୍ଚାୟତ ଭୁଶୁଣ୍ଡା ଗ୍ରାମ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କେ.ଗୀତାଞ୍ଜଳି ଆଚାରୀ (୩୯)ଙ୍କ ସ୍କୁଟିକୁ ଏକ କାର୍ ଧକ୍କା ଦେବାରୁ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆବଶ୍ୟକ ଚିକିତ୍ସା ପରେ ଅଧିକା ଚିକିତ୍ସା ନିମନ୍ତେ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଗୁରୁବାର ସକାଳେ ଜନଗଣନା କାମ ସାରି ସେ ପୂର୍ବାହ୍ନ ପ୍ରାୟ ୧୧ରେ ସେ ତାଙ୍କ ସ୍କୁଟିରେ ଦିଗପହଣ୍ଡି ସ୍ଥିତ ବାସଭବନକୁ ଫେରୁଥିବା ବେଳେ ଜନତାଲେନରେ ଏକ କାର ତାଙ୍କୁ ସ୍କୁଟିକୁ ଧକ୍କା ଦେଇଥିବା ସେ କହିଛନ୍ତି। ଦିଗପହଣ୍ଡି ବ୍ଲକ ଏନପିଏସ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ତାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି।

# ଗଜପତି ଜିଲ୍ଲାର ମାଟ୍ରିକ ପାସ୍‌ହାର ୯୯.୩୧%

ପାରଳାଖେମୁଣ୍ଡି,୨।୫(ସମିସ):



ଆଜି ମାଟ୍ରିକ ଫଳ ପ୍ରକାଶ ପାଇଛି। ସମଗ୍ର ରାଜ୍ୟରେ ମାଟ୍ରିକ ଫଳାଫଳ ହାର ୯୫.୩୩ ପ୍ରତିଶତ ରହିଛି। ହେଲେ ଗଜପତି ଜିଲ୍ଲାର ମାଟ୍ରିକ ପାସହାର ୯୯.୩୧ ପ୍ରତିଶତ ରହି ରାଜ୍ୟରେ ପ୍ରଥମ ହୋଇଛି। ଗତବର୍ଷ ଜିଲ୍ଲାରେ ପାସ ହାର ୯୪.୯୩ ପ୍ରତିଶତ ରହି ରାଜ୍ୟରେ ଶୀର୍ଷରେ ରହିଥିଲା। କ୍ରମାଗତଃ ଭାବେ ଦୁଇ ବର୍ଷ ପାଇଁ

● ଟପ୍ପରରେ ଛାତ୍ରୀଙ୍କ ବାଜିମାତ
● ମୋହନା ବ୍ଲକର ଆଦ୍ୟାଶାରାଣୀ ୫୫୯ ନମ୍ବର ରଖି ଜିଲ୍ଲାରେ ପ୍ରଥମ

ଗଜପତି ଜିଲ୍ଲା ମାଟ୍ରିକ ପାସରେ ରାଜ୍ୟରେ ପ୍ରଥମ ରହିଛି। ଜିଲ୍ଲାରେ ୧୬୧ ବିଦ୍ୟାଳୟରେ ୮୧୧୬ ଜଣ ପରୀକ୍ଷା ଦେବା ନିମନ୍ତେ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୧୩୪ ଜଣ ପରୀକ୍ଷା ଦେଇନଥିବା ବେଳେ ୫୫ ଜଣ ପାସ୍ କରିନାହାନ୍ତି। ଏପରି ଭାବେ ସର୍ବ ମୋଟ ୭୯୨୭ ଜଣ ପରୀକ୍ଷାରେ ପାସ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୯୩୯ ଜଣ ଛାତ୍ର ଓ ୩୯୮୮ ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଏ-୧ରେ ୬ ଜଣ, ଏ-୨ରେ ୭୪ , ବି୧-ରେ ୧୭୯୫, ବି୨-ରେ ୨୩୭୩, ସି ରେ ୨୦୪୬, ଡି ରେ ୧୧୩୨, ଇ ଗ୍ରେଡରେ ୧୮୦ ଏବଂ ଏଫ୍ ଗ୍ରେଡ୍ ରେ ୫୫ ଜଣ ରହିଛନ୍ତି। ଚଳିତ ବର୍ଷ ଏ-୧ ଗ୍ରେଡ୍ ରେ ସରକାରୀ ବିଦ୍ୟାଳୟ ଗୁଡିକର ଦବଦବା ଦେଖିବାକୁ ମିଳିଛି। ଜିଲ୍ଲାରେ ମୋଟ ଏ-୧ ରେ ୬ ଜଣ ସଫଳତା ହାସଲ କରିଥିବା ବେଳେ ସେଥିମଧ୍ୟରୁ ସମସ୍ତେ ସରକାରୀ ବିଦ୍ୟାଳୟର ବୋଲି ଜଣାପଡିଛି। ଆର୍.ଉଦୟଗିରି ବ୍ଲକ ଛେଳିଗଡ, ରଣ୍ଡିବା ଏବଂ ସୁନ୍ଦୁରୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଲେଖାଏଁ, ନୂଆଗଡ ବ୍ଲକ ସମ୍ବଲପୁର ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ଜଣେ, ମୋହନା ବ୍ଲକ ଗୋଠକେଳି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ଜଣେ ଏବଂ ଗୋଷାଣି ବ୍ଲକର ଭୁଷୁକୁଡି ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ଜଣେ ଏ-୧ ରେ ଏପରି ଭାବେ ୬ଜଣ ଛାତ୍ରଛାତ୍ରୀ ପାସ ହୋଇଛନ୍ତି। ୫୫୯ ମାର୍କ ରଖି ମୋହନା ବ୍ଲକ ଗୋଠକେଳୀ ସରକାରୀ ଉଚ୍ଚ ବିଦ୍ୟାଳୟର ଆଦଶ୍ୟାରାଣୀ ପ୍ରଧାନ ଜିଲ୍ଲା ଟପ୍ପର ହୋଇଥିବା ବେଳେ ଗୋଷାଣି ବ୍ଲକ ଭୁଷୁକୁଡି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଜି. ଚେତନା ୫୫୦ ନମ୍ବର ରଖି ଦ୍ୱିତୀୟ ଏବଂ ନୂଆଗଡ ବ୍ଲକ ସମ୍ବଲପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ମାର୍ଥା ଗମାଙ୍ଗ ୫୪୦, ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ଛେଳିଗଡ ହାଇସ୍କୁଲର ଲକ୍ଷ୍ମୀରାଣୀ ପାଣି, ରଣ୍ଡିବା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ରୁଦ୍ର ପ୍ରସାଦ ପରିଚ୍ଛା ଏବଂ ସୁନ୍ଦୁରୁବାର ସରକାରୀ ହାଇସ୍କୁଲର ଛାତ୍ରୀ ଲୁଧିଆଣୀ ରଇତ ସମ୍ମାନ ଭାବେ ୫୪୦ ନମ୍ବର ରଖି ଯୁଗ୍ମ ଭାବେ ତୃତୀୟ ଜିଲ୍ଲା ଟପ୍ପର ହୋଇଛନ୍ତି। ଅନ୍ୟପକ୍ଷେ ରାଜ୍ୟରେ ଜିଲ୍ଲାର ପାସ୍ ହାର ସର୍ବାଧିକ ରହିଥିବାକୁ ନେଇ ଜିଲ୍ଲା ଶିକ୍ଷାବିଭାଗ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଚଳିତ ବର୍ଷ ମଧ ଗଜପତି ଜିଲ୍ଲା ପାସ୍ ହାରରେ ଆଗରେ ଥିବା ଯୋଗୁଁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କେକ୍ କାଟି ପରସ୍ପରକୁ ଖୁଆଇ ଅଭିନନ୍ଦନ ଜଣାଇଥିଲେ।

## ଅଭିଳାଷ ବ୍ଲକ ଟପ୍ପର, ଜିଲ୍ଲାରେ ଦ୍ୱିତୀୟ



ଜି.ଉଦୟଗିରି,୨।୫(ସମିସ): ପ୍ରକାଶ ପାଇଛି ଚଳିତ ମାଟ୍ରିକ ପରୀକ୍ଷା ଫଳ। ଜି .ଉଦୟଗିରି ପିଏମଶ୍ରୀ ହବାକ ଉଚ୍ଚ ବିଦ୍ୟାଳୟ ଛାତ୍ର ଅଭିଳାଷ ପଟନାୟକ ୫୬୨ ମାର୍କ ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପିତାମାତାଙ୍କ ଯୋଗୁଁ ସେ ସଫଳତା ପାଇଥିବା ପ୍ରକାଶ କରିଛନ୍ତି। ଏଥିସହ ବିଦ୍ୟାଳୟର ଶିକ୍ଷକଙ୍କୁ ଶ୍ରେୟ ଦେୱେ ଓ ଦୈନିକ ୮ /୧୦ ଘଣ୍ଟା ପରିଶ୍ରମ କରୁଥିଲେ ବୋଲି କହିଛନ୍ତି।

# ବାଲିଘାଟ ସୀମା ନିର୍ଦ୍ଧାରଣ କଲା ଖଣି ବିଭାଗ



ଧରାକୋଟ,୨।୫(ସମିସ): ଧରାକୋଟ ତହସିଲ ଅଧିନରେ ରହିଥିବା କପିଳାସ ବାଲିଘାଟର ସୀମା ବିବାଦ ନେଇ ଜରି ରହିଥିବା ବିବାଦର ପୂର୍ଣ୍ଣଚ୍ଛେଦ ପଡ଼ିଛି । ଆଜି ଋଷିକୁଲ୍ୟା ନଦୀର ଏହି ବାଲିଘାଟକୁ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଉପଖଣ୍ଡ ଖଣି ଅଧିକାରୀ ଅକ୍ଷୟ ସାମଲ, ଧରାକୋଟ କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଜେନା, ଜାହାଡା ରାଜସ୍ୱ ନିରୀକ୍ଷକ ରଞ୍ଜନ ବରାଡ, ଧରାକୋଟ ରାଜସ୍ୱ ନିରୀକ୍ଷକ ମନୋଜ ମାଝି, ଅମିନ ନିରଞ୍ଜନ ସବର, ଲିଜଧାରି ଚିରଞ୍ଜିବୀ ଦାସ ଓ ନନ୍ଦିଗୋର ଗାଁ ଲୋକଙ୍କ ଉପସ୍ଥିତିରେ ସିମା ନିର୍ଦ୍ଧାରଣ କରାଯାଇ ମାନ ଚିତ୍ରରେ ରହିଥିବା ସ୍ଥାନକୁ ଚିହ୍ନଟ କରାଯାଇଥିଲା। ଗାଁ ଲୋକ ଓ ଲିଜଧାରିଙ୍କ ମଧ୍ୟରେ ଆଜିର ସୀମା ନିର୍ଦ୍ଧାରଣକୁ ନେଇ ସନ୍ତୋଷ ପ୍ରକାଶ ପାଇବା ସହ ଏଣିକି ପରିସୀମା ମଧ୍ୟରୁ ବାଲି ଉତ୍ତୋଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଯାହା ଫଳରେ ଦୀର୍ଘ ପନ୍ଦର ଦିନ ପୂର୍ବରୁ ଏହି ବାଲିଘାଟକୁ ନେଇ ନନ୍ଦିଗୋର ଗାଁ ଲୋକଙ୍କ ମଧ୍ୟରେ ଯେଉଁ ଉତ୍ତେଜନା ପରିସ୍ଥିତି ଲାଗି ରହିଥିଲା ତାହାର ପରିସମାପ୍ତି ଘଟିଛି। ଘଟଣା ସମ୍ପର୍କରେ ତହସିଲଦାରଙ୍କ ସହ ଯୋଗାଯୋଗ ବେଳେ ଖଣି ବିଭାଗ ତରଫରୁ ଯେଉଁ ସିମା ନିର୍ଦ୍ଧାରଣ କରାଗଲା ଏଥିରେ ଉଭୟ ପକ୍ଷ ସହମତି ପ୍ରକାଶ କରିଛନ୍ତି ଏଣୁ ବର୍ତ୍ତମାନ ସେହି ନିର୍ଦ୍ଧାରିତ ଅଞ୍ଚଳରୁ ବାଲି ଉତ୍ତୋଳନ କରାଯିବ ବୋଲି ପ୍ରକାଶ କରିଛନ୍ତି। ସେହିପରି ଉପଖଣ୍ଡ ଖଣି ଅଧିକାରୀଙ୍କ ସହ ଯୋଗାଯୋଗ ବେଳେ ଗତ ଫେବୃଆରୀ ମାସରେ ଡ୍ରୋନ ସର୍ଭେ କରାଯାଇଛି। ଏହାର ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ। କିନ୍ତୁ ଆଜି ସମ୍ପୂର୍ଣ୍ଣ ସହଯୋଗ ଓ ସହମତିରେ ସିମା ନିର୍ଧାରଣ କରାଯାଇଥିବାରୁ ଉଭୟ ଗାଁ ଲୋକ ଓ ଲିଜଧାରିଙ୍କ ମଧ୍ୟରେ ଥିବା ମନାନ୍ତର ଓ ମତାନ୍ତର ଦୂର ହୋଇଛି ବୋଲି ପ୍ରକାଶ କରିଛନ୍ତି।

ସରକାରୀ ପ୍ରତାରଣାର ପ୍ରତିବାଦ

# କଳାବ୍ୟାଜ୍ ପିନ୍ଧି ମୋହନା ପ୍ରେସ୍ କ୍ଲବର ଧାରଣା

ମୋହନା,୨।୫(ସମିସ): ପେନସନ୍, ପ୍ରୋଟେକ୍ସନ୍ ଓ ଆକ୍ରିଡେସନ୍ ଦାବିରେ ମୋହନା ତହସିଲ କାର୍ଯ୍ୟାଳୟ ଆଗରେ କଳା ବ୍ୟାଚ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ମୋହନା ସାମ୍ବାଦିକ ସଂଘ ସଦସ୍ୟ। ସାମ୍ବାଦିକଙ୍କ ପ୍ରତି ସରକାରଙ୍କ ପ୍ରତାରଣା ପ୍ରତିବାଦରେ ମେ ଦିବସରେ ସାମ୍ବାଦିକ ସଂଘ ପକ୍ଷରୁ ପ୍ରତିବାଦ କରାଯାଇଛି। ତୁରନ୍ତ ସରକାର ସାମ୍ବାଦିକଙ୍କ ଏହି ତିନୋଟି ଦାବି ପୂରଣ କରିବାକୁ ତହସିଲଦାର ଚକ୍ରଧର ପାଢୀଙ୍କ ନିକଟରେ ଦାବି କରାଯାଇଛି। ଏହି ପ୍ରତିବାଦ ସଭାରେ ଶିକ୍ଷାବିତ ମଧୁସୂଦନ ପାଢ଼ୀ ଓ ଆଇନ ପରାମର୍ଶଦାତା ସୀମାଞ୍ଚଳ କାର୍ଜି ଯୋଗଦେଇ ସମର୍ଥନ ଜଣାଇଛନ୍ତି। ପ୍ରତିବାଦ ସଭାରେ ମୋହନା ପ୍ରେସ କ୍ଲବ ସଭାପତି ସୁମନ ପଟ୍ଟନାୟକ, ସମ୍ପାଦକ ବାବୁଲା ସେଠୀ, ଉପସଭାପତି ଅଂଶୁମାନ ପଣ୍ଡା, ସହ ସମ୍ପାଦକ ନୃସିଂହ ନାଥ ପୂଜାରୀ, କୋଷାଧକ୍ଷ ପ୍ରମୋଦ ଦୋରା, ଉପଦେଷ୍ଟା ଲକ୍ଷ୍ମଣ ଚୌଧୁରୀ, ବାଦଲ ବେହେରା, ବରିଷ୍ଠ ସାମ୍ବାଦିକ ଅଶ୍ୱିନୀ ପାତ୍ର, ସୋନି ବେହେରା, ବିମଳ ମଲ୍ଲିକ, ଧୀରେନ୍ଦ୍ର ନାୟକ,ବିଭୁତି ମଲ୍ଲିକ, ନିର୍ମଳ ପାଲ, ତ୍ରିପତି ବୋଷୋୟୀରତ୍ନ, ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ଆକାଶ ହତ୍ୟା ମାମଲା; ଆଉ ୨ ଗିରଫ

ପୋଲସରା,୨।୫(ସମିସ): ପୋଲସରା ଥାନା ଅନ୍ତର୍ଗତ ବାଲିଘାଇ ଗ୍ରାମରେ ବରଯାତ୍ରୀ ଶୋଭାଯାତ୍ରାରେ ନାଗୀନ୍ ଗୀତ ବଜାଇବାକୁ ନେଇ ଘଟିଥିଲା ଏକ ଜଘନ୍ୟ ହତ୍ୟାକାଣ୍ଡ। ଏହି ଘଟଣାରେ ଶନିବାର ପୋଲସରା ପୁଲିସ ଆଉ ୨ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ପୋଲସରା ଥାନା ରାଣୀପଡ଼ା ହରିଜନ ସାହିର କାଳିଆ ପ୍ରଧାନ ଓ ବୁଗୁଡ଼ା ଥାନା ଗୋଳିଆ ଗ୍ରାମର ଚିକୁନୁ କୁଣ୍ଡ। ସୂଚନାଯୋଗ୍ୟ ଗତ ଏପ୍ରିଲ ମାସ ୨୫ ତାରିଖରେ ବଡଭାଇ ରିଙ୍କୁ ଜେନାର ବାହାଘର ଶୋଭାଯାତ୍ରା ବେଳେ ସାନଭାଇ ଆକାଶ ଜେନାଙ୍କୁ ହତ୍ୟା କରିଥିଲେ ଡିଜେ ଚାଳକ ଓ ତାର ସହଯୋଗୀ। ଏହାପରେ ଗ୍ରାମବାସୀ ଆକାଶ ମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଫାଶୀଦଣ୍ଡ ସହ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡ ଦେବା ପାଇଁ ପୋଲସରା ମୁଖ୍ୟ ରାସ୍ତା ଫରେଷ୍ଟ କଲୋନୀ ଛକରେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ପରେ ପୁଲିସ ଲିଖିତ ପ୍ରତିଶ୍ରୁତି ଦେଇ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିବାଦ କାରୀଙ୍କୁ ବୁଝାଇଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ୯ ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି। ଆଗକୁ ଗିରଫଙ୍କ ସଂଖ୍ୟା ବଢିବା ସହ ପୁରା ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନାଧିକାରୀ କୌଶିକ ମାଝୀ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ବାଇକ୍‌ଆରୋହୀ ମୃତ

ମୋହନା,୨।୫(ସମିସ): ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ କାଳିଆପଟା ଗ୍ରାମ ନିକଟରେ ଏକ ବାଇକ୍ ରାସ୍ତା ପାଶ୍ୱର୍ରେ ଥିବା ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉକ୍ତ ଦୁର୍ଘଟଣାରେ ବାଇକ୍ ଆରୋହୀ ଆର୍.ଉଦୟଗିରି ଥାନା ଅନ୍ତର୍ଗତ ବୁରେଇସିଂ ଗ୍ରାମର ଡାଳେଶ୍ୱର ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଚାଳକ ମୋହନା ଥାନା ତରାମାଳ ଗ୍ରାମର ଲମ୍ବୋଦର ଗମାଙ୍ଗ ଗୁରୁତର ଆହତ ହୋଇଛନ୍ତି। ମୋହନା ରୁ ତରାମାଳ ଅଭିମୁଖେ ଯିବାବେଳେ ଏହି ଦୁର୍ଘଟଣା ଘଟିଛି। ସ୍ଥାନୀୟ ଲୋକେ ପହଞ୍ଚି ଆହତ ଦୁଇଜଣଙ୍କୁ ଉଦ୍ଧାର କରି ଏକ ପିକଅପ୍ ଗାଡିରେ ମୋହନା ମେଡିକାଲ୍‌କୁ ପଠେଇ ଥିଲେ। ସେଠାରେ ଡାଳେଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଗୁରୁତର ଆହତ ଲମ୍ବୋଦରଙ୍କୁ ବ୍ରହ୍ମପୁର ବଡମେଡିକାଲ୍ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ମୋହନା ପୁଲିସ ପହଞ୍ଚି ତଦନ୍ତ ଚଳାଇଛି।

# ବିଭିନ୍ନ ସ୍ଥାନରେ ବିଶ୍ୱ ଶ୍ରମିକ ଦିବସ ପାଳିତ







ଦିଗପହଣ୍ଡି,୨।୫(ସମିସ):

ଦିଗପହଣ୍ଡି ବଜାର ଗାନ୍ଧୀ ଛକରେ ଶ୍ରମିକ ସଙ୍ଗଠନ ଏଆଇଟିୟୁସି ଏବଂ ସିଆଇଟିୟୁ ଅନୁବନ୍ଧିତ ଖେମୁଣ୍ଡି ବିଶ୍ୱକର୍ମା ରାଜମିସ୍ତ୍ରୀ ଓ କାରିଗର ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଶିବରାମ ପ୍ରଧାନ ଲାଲ ପତାକା ଉତ୍ତୋଳନ କରିଥିଲେ। ସିପିଆଇ ଗଞ୍ଜାମ ଜିଲ୍ଲା କମିଟି ସଦସ୍ୟ ଅଳକନାଥ ମିଶ୍ର, ସିପିଆଇ(ଏମ) ଗଞ୍ଜାମ ଜିଲ୍ଲା କମିଟିର ପୂର୍ବତନ ଜିଲ୍ଲା ସମ୍ପାଦକ କୈଳାସ ଷଡଙ୍ଗୀ, ସଂଘର କାର୍ଯ୍ୟକାରୀ ସଭାପତି ତଥା ଆଇନଜୀବୀ କୁରେଶୁ ପଣ୍ଡା ଅତିଥି ଭାବେ ଯୋଗ ଦେଇ ପଥପ୍ରାନ୍ତ ସଭାରେ କେନ୍ଦ୍ର ଓ ରାଜ୍ୟରେ ଶାସକ ଦଳ କିଭଳି ଶ୍ରମିକ ମାରଣ ନୀତି ପ୍ରଣୟନ କରି ଚାଲିଛନ୍ତି ସେ ସମ୍ପର୍କରେ ଅବତାରଣା କରିଥିଲେ। ଏହି ସଭାରେ ଓଡ଼ିଶା ରାଜ୍ୟ କୃଷକ ସଭାର ଗଞ୍ଜାମ ଜିଲ୍ଲା ସମ୍ପାଦକ ତଥା ଆଇନଜୀବୀ ପି. ଶିବ ଶଙ୍କର, ଭି. ସୁଦର୍ଶନ ରାଜୁ, କୈଳାଶ ପ୍ରଧାନ, ଉପେନ୍ଦ୍ର ବେହେରା, କୈଳାସ ମହାରଣା, ବିଶ୍ୱନାଥ ମହାରଣା, ପ୍ରଫୁଲ୍ଲ ମହାରଣା, ଅଭିମନ୍ୟୁ ସେଠୀ, ସୁଦାମ ସେଠୀ, ଲୋକନାଥ ସେଠୀ, ସୁଦର୍ଶନ ସେଠୀ, କଂଗ୍ରେସ ସେଠୀଙ୍କ ସମେତ ଶ୍ରମିକ ସଙ୍ଗଠନ ଏଆଇଟିୟୁସି ଓ ସିଆଇଟିୟୁ ର ବହୁସଂଖ୍ୟକ କାର୍ଯ୍ୟକର୍ତ୍ତା ଏବଂ ଶ୍ରମିକ ବୃନ୍ଦ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଚନ୍ଦ୍ରଚୁଡେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ଖେମୁଣ୍ଡି ବିଶ୍ୱକର୍ମା ରାଜମିସ୍ତ୍ରୀ ଓ କାରିଗର ସଂଘ ପକ୍ଷରୁ 'ସାମ୍ପ୍ରତିକ ପରିସ୍ଥିତିରେ ଶ୍ରମଜୀବୀଙ୍କ ଅବସ୍ଥା' ଶୀର୍ଷକ ଆଲୋଚନା ସଭାରେ ସଂଘର କାର୍ଯ୍ୟକାରୀ ସଭାପତି କୁରେଶୁ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ବାମପନ୍ଥୀ ବ୍ୟକ୍ତିତ୍ୱ କୈଳାସ ଷଡଙ୍ଗୀ, ଫରୱାର୍ଡ ବ୍ଲକ୍ ଗଞ୍ଜାମ ଜିଲ୍ଲା କମିଟି ସଭାପତି ସଭାପତି ବିଭୂଧେନ୍ଦ୍ର ପାଢ଼ୀ, ଆଇନଜୀବୀ ଅଶେଷ ନାଥ ମିଶ୍ର, କବି ବୃନ୍ଦାବନ ପଣ୍ଡା, ପ୍ରାଧାପକ ସଞ୍ଜୟ କୁମାର ଷଡ଼ଙ୍ଗୀ, ସାମ୍ବାଦିକ ଗୋପାଳକୃଷ୍ଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଉଦବୋଧନ ଦେଇଥିଲେ। ସାମାଜିକ କର୍ମୀ ସୁଶାନ୍ତ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

**ସୋରଡ଼ା:** ସୋରଡ଼ା ତାଲୁକ ଆଇନ ସେବା କମିଟି ପକ୍ଷରୁ ଆଜି ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଦେୱାନୀ ବିଚାରପତି ଜନ୍ମେଜୟ ଦାସ ଯୋଗଦେଇ ଶ୍ରମିକମାନଙ୍କ ଅଧିକାର ସୁରକ୍ଷା ଓ ଆଇନ ସଚେତନତାର ଆବଶ୍ୟକତା ବିଷୟରେ ଉଦବୋଧନ ଦେଇଥିଲେ। ଏହି ଅବସରରେ ସୋରଡ଼ା ଆଇନଜୀବୀ ସଂଘ ସଭାପତି ଜିତେନ୍ଦ୍ର କୁମାର ଧଳ ଶ୍ରମିକଙ୍କ ସମ୍ମାନ ଓ ସୁରକ୍ଷା ପାଇଁ ସମାଜର ସାମୁହିକ ଦାୟିତ୍ୱ ବିଷୟରେ କହିଥିଲେ। ଯୁଗ୍ମ ସମ୍ପାଦକ ପ୍ରିୟରଞ୍ଜନ ପାଢ଼ୀ ତାଙ୍କ ଉଦବୋଧନ ରେ ନିର୍ମାଣ ଶ୍ରମିକଙ୍କ ସାମାଜିକ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଆଇନଜୀବୀ ପ୍ରଭାତ କୁମାର ପାଢ଼ୀ ଉପସ୍ଥିତ ଥିଲେ। ସରକାରୀ ଓକିଲ ଭଗବାନ ମୁନି ଧନ୍ୟବାଦ ଜଣାଇଥିଲେ।

**ଛତ୍ରପୁର:** ଛତ୍ରପୁର ମେଇନ ରୋଡ଼ ଠାରେ ବିଶ୍ୱ ଶ୍ରମିକ ଦିବସ ଏଆଇଟିୟୁସି, ଆଇଏନଟିୟୁସି, ଏଚଏମଏସ ସହିତ ଅନ୍ୟାନ୍ୟ ଶ୍ରମିକ ସଂଗଠନ ପକ୍ଷରୁ ପାଳନ କରାଯାଇଛି। ଆଇନଜୀବୀ ତଥା ଏଆଇଟୁୟୁସି ନେତା ଡି. ଆଦିନାରାୟଣ ରେଡ୍ଡୀ ଙ୍କ ପୌରହିତ୍ୟରେ ଆୟୋଜିତ ସମାବେଶରେ ସମସ୍ତ ବର୍ଗର ଶ୍ରମିକ ନେତା ଓ କର୍ମୀ ମାନେ ଯୋଗଦେଇ ଶ୍ରମିକ ମାରଣା ଏବଂ ପୁଞ୍ଜିପତିଙ୍କ ସରକାର ମୋଦି ସରକାରଙ୍କ ବିରୁଦ୍ଧରେ ରଣହୁଙ୍କାର ଦେଇଥିଲେ। ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ଯୋଗଦେଇ ବେଇମାନ ଓ ବିଶ୍ୱାସଘାତକ ସରକାର ବିରୋଧରେ ସମସ୍ତେ ଏକାଠି ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଆଇଏନଟିୟୁସି ନେତା ତଥା ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଚଏମଏସର ନେତା ଡ଼ଃ ରାଜେନ୍ଦ୍ର ଦାଶ, ବରିଷ୍ଠ ଆଇନଜୀବୀ ଗୋକୁଳ ଚନ୍ଦ୍ର ପଣ୍ଡା, କଂଗ୍ରେସ ନେତା ଅଶୋକ ପଟ୍ଟନାୟକ ଓ କାଳିଆ ରାଉଳ, ସିପିଆଇ ନେତା ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଏନ. ଭାନୁମତି ରେଡ୍ଡୀ, କେ. ଗଣେଶ ରେଡ୍ଡୀ, ଗୁରନାଥ ପ୍ରଧାନ, ଡ଼ଃ ଦୁର୍ଯ୍ୟୋଧନ ପ୍ରଧାନ, ଆଦିତ୍ୟ ମିଶ୍ର, ଏସ. ତ୍ରିନାଥ ରେଡ୍ଡୀ, ସିମାଞ୍ଚଳ ସାହୁ, ସୀମାଞ୍ଚଳ ନାହାକଙ୍କ ସମେତ ବହୁ ଶ୍ରମିକ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଜାତୀୟ ଭିନ୍ନକ୍ଷମ କ୍ରିକେଟ ଦଳରେ ପ୍ରଫୁଲ୍ଲ



ରମ୍ଭା,୨।୫(ସମିସ): ଚଳିତ ମାସ ବାଙ୍ଗାଲୋର ଠାରେ ୧୫ରିଖ ଠାରୁ ୨୪ରିଖ ପର୍ଯ୍ୟନ୍ତ ଓଡିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଭିନ୍ନକ୍ଷମ ଟିମ ତାଲିକାରେ ଗଞ୍ଜାମ ଜିଲ୍ଲା ତଥା ରମ୍ଭା ଅଞ୍ଚଳର ପ୍ରଫୁଲ୍ଲ ତରାଇ ଗଞ୍ଜାମ ଜିଲ୍ଲା ପକ୍ଷରୁ ଚୟନ ହୋଇଛନ୍ତି। ରାଜ୍ୟର ୧୬ଜଣ ଖେଳାଳି ମଧ୍ୟରୁ ଗଞ୍ଜାମ ଜିଲ୍ଲା ତଥା ରମ୍ଭା କ୍ରିକେଟ ଦଳ ପକ୍ଷରୁ ଉତ୍ସାହ ପରିଲକ୍ଷିତ ହୋଇଛି। ତାଙ୍କର ଏହି ସଫଳତା ପାଇଁ ରମ୍ଭା ତଥା ଗଞ୍ଜାମ ଜିଲ୍ଲା ବହୁବିଧ ଅନୁଷ୍ଠାନ ପକ୍ଷରୁ ଅଭିନନ୍ଦନ ଜଣାଇଛନ୍ତି। ସେ ବୋଲିଂରେ ଚୟନ ହୋଇଥିବା ଜଣାଯାଇଛି।

## ଦୁର୍ଘଟଣାରେ ଜଣେ ମୃତ

ଜଗନ୍ନାଥପ୍ରସାଦ,୨।୫(ସମିସ): ଜଗନ୍ନାଥପ୍ରସାଦ ଥାନା ନୂଆ ଜିରାବାଡି ମୁଖ୍ୟ ରାସ୍ତାରେ ଆଜି ଅପରାହ୍ନରେ ସ୍କୁଟି ଓ ବାଇକ ମୁହାଁମୁହିଁ ଧକ୍କା ଫଳରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ସୋରଡ଼ା ଥାନା କେଶରୀ ପାଟଣା ଗ୍ରାମର ଗୋପୀନାଥ ଗୌଡ଼ଙ୍କ ଭିନ୍ନକ୍ଷମ ପୁଅ ହର୍ଷ ଗୌଡ଼ (୩୬) ହୋଇଥିବା ବେଳେ ଗୁରୁତର ଜଣକ ହେଉଛନ୍ତି ସ୍ଥାନୀୟ ଥାନା ଅଧୀନ କୁଶାପଲି ଗ୍ରାମର ସିଦ୍ଧେନ୍ଦ୍ର କୁମାର ଭଞ୍ଜଦେଓ (୪୦)। ହର୍ଷ ଭୁବନେଶ୍ୱରରେ ଚା' ଦୋକାନ କରୁଥିଲେ। ଶୁକ୍ରବାର ନିଜ ଭାଉଜଙ୍କ ପ୍ରଥମ ଶ୍ରଦ୍ଧାବାର୍ଷିକ ଭୋଜିରେ ଯୋଗ ଦେବା ପାଇଁ ସ୍କୁଟି ଯୋଗେ ସୋରଡ଼ା ଯାଉଥିଲେ। ଶନିବାର ଅପରାହ୍ନ ୫.ଟାରେ କାଳ ବୈଶାଖୀ ଚାଲିଥିବା ବେଳେ ବିପରୀତ ଦିଗରୁ ଆସୁଥିବା ସିଦ୍ଧେନ୍ଦ୍ରଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ତାଙ୍କୁ ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ଗୁରୁତର ସିଦ୍ଧେନ୍ଦ୍ରଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

# କାଳବୈଶାଖୀର ତାଣ୍ଡବ: ବିଭିନ୍ନ ସ୍ଥାନରେ ଗଛପଡ଼ି ରାସ୍ତା ଅବରୋଧ, ବିଦ୍ୟୁତ୍ ବିଭ୍ରାଟ

## ଦୋକାନରେ ଆଶ୍ରୟ ନେଇଥିବାବେଳେ ଚାଲିଗଲା ଜୀବନ

ପାରଳାଖେମୁଣ୍ଡି,୨।୫(ସମିସ): ଗୋଷାଣି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ରଚିଛି। ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଅଞ୍ଚଳରେ ପ୍ରବଳ ବର୍ଷା ପବନ ହୋଇଥିଲା। ବାଘଶାଳା ଗ୍ରାମରେ ଦୋକାନ କରିଥିବା ଏ. ଶ୍ରୀନିବାସ ରାଓଙ୍କ ଦୋକାନ ଉପରେ ଗଛ ପଡ଼ିବାରୁ ସେଠାରେ ଆଶ୍ରୟ ନେଇଥିବା ଉକ୍ତ ଗ୍ରାମର କେ.ମନ୍ମଧରାଓଙ୍କ ମୃତ୍ୟୁ




ଘଟିଥିଲା। ଶ୍ରୀନିବାସଙ୍କୁ ଗୁରୁତର ଅବସ୍ଥାରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଖବର ପାଇ ଗୁରାଣ୍ଡି ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରଥିଲା। ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ମୃତକ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଆଜି ଶବ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ବ୍ଲକର ଆଙ୍କୁଡୁ, ବୀରନାରାୟଣପୁର, ନୂଆଗାଁ, ବଡ଼ଗାଁ, ଭିନ୍ନଳା, ଗୁରାଣ୍ଡି, ଗୋଷାଣି ରୋଡ଼, ବଡ଼ନୀଳପୁରରେ ଗଛପଡି ରାସ୍ତା ଅବରୋଧ ହୋଇଥିବା ବେଳେ ଆଜି ଗଛ ଗୁଡିକୁ କଟାଯାଉଛି। ଏସବୁ ଅଞ୍ଚଳରେ ବିଦ୍ୟୁତ ତାର ଛିଣ୍ଡି ଗତକାଲି ଠାରୁ ବିଦ୍ୟୁତ ସରବରାହ ବନ୍ଦ ରହିଛି। ବଡନୀଳାପୁର ଗ୍ରାମରେ ପବନ ବର୍ଷା ପ୍ରଭାବରେ ପି. ଆଛୁତା ରାଓଙ୍କ ଏକ ଟ୍ରାକ୍ଟର ବାଇକ୍ ଏବଂ ଗ୍ରାମକୁ ଆସିଥିବା ଅନ୍ୟଜଣଙ୍କ ବାଇକ ଉପରେ ଗଛପଡି ନଷ୍ଟ ହୋଇଯାଇଥିବା ବେଳେ ଭାରତୀ ନାମକ ମହିଳାଙ୍କ ଘରର ଉପର ଟିଣ ପ୍ରାୟ ୧୫ ମିଟର ପର୍ଯ୍ୟନ୍ତ ଉଡ଼ିଯାଇଛି। ଶରଧାପୁର ଓ ବଡଗୋଷାଣି ପଞ୍ଚାୟତ ଅନ୍ତର୍ଗତ ଏସଏନଡି ପେଣ୍ଟ, ନୂଆଗାଁ, ବୀରନାରାୟଣପୁର ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଗଛପଡ଼ି ରାସ୍ତା ଅବରୋଧ ସହ ବିଦ୍ୟୁତ ଖୁଣ୍ଟ ଉପରେ ଗଛ ପଡ଼ିଯାଇଛି। ଶନିବାର ଗଛ ପଡ଼ିଥିବା ସ୍ଥାନ ଗୁଡିକରେ ଅଗ୍ନିଶମ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ପଡ଼ିଥିବା ଗଛକୁ କାଟି ହଟାଇଥିଲେ। କାଳବୈଶାଖୀ ବର୍ଷା ପବନ ଯୋଗୁଁ




ରବି ଫସଲ ମଧ୍ୟ ନଷ୍ଟ ହେବା ଆଶଙ୍କା କରାଯାଉଛି। ଏସ୍ଏନଡି ପେଣ୍ଠ ଅଞ୍ଚଳର ରମାକାନ୍ତ ପାଳ, ସୀମାଦ୍ରି ପାଳ, ମୀନକେତନ ବିଶ୍ୱାଳ, ପି.ନାରାୟଣ ରାଓ, ଗଣପତି ପାଳ, ମାଧବ ବିଶ୍ୱାଳ ଚାଷୀଙ୍କ ୧୪ ଏକର ପରିମିତ ରବି ଧାନ ଫସଲ ନଷ୍ଟ ହୋଇଯାଇଥିବା ଜଣାପଡିଛି। ସେହିପରି ଅନେକ ଚାଷୀଙ୍କ ବିରି ମୁଗ, ରାଶି, ପନିପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି।

### ■ ବିଦ୍ୟାଳୟର ଉଡ଼ିଗଲା ଛପର, ବ୍ୟାପକ କ୍ଷୟକ୍ଷତି

ଟିକାବାଲି: କାଳବୈଶାଖୀ ପ୍ରଭାବରେ ଟିକାବାଲି ସରକାରୀ ଅଭ୍ୟାସ ମଧ୍ୟ ଇଂରାଜୀ ବିଦ୍ୟାଳୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟାଳୟର ମୁଖ୍ୟ ଫାଟକ




ଉପରେ ଗଛ ପଡ଼ିବାରୁ ସମ୍ପୂର୍ଣ ନଷ୍ଟ ହୋଇଯାଇଛି। ସେହିପରି ବିଦ୍ୟାଳୟ କାର୍ଯାଳୟର ଉପର ଛାତ ଉଡ଼ିଯାଇ ପୁରା ନଷ୍ଟ ହୋଇଯାଇଛି। ଯେଉଁଠାରେ କି ବସି ଅଫିସିଆଲ କାର୍ଯ୍ୟ କରିବା ସମ୍ଭବ ନୁହେଁ। ଛାତ୍ରଛାତ୍ରୀଙ୍କ ନିମନ୍ତେ ଥିବା ରୋଷେଇ ଗୃହ ଓ ପାଇଖାନାର ଛପର ମଧ୍ୟ ପୁରାପୁରି ଉଡ଼ିଯାଇଛି। ବିଦ୍ୟାଳୟର ବଗିଚା ମୁଖ୍ୟ ଫାଟକ ଭାଙ୍ଗିଯିବାରୁ ଗାଇଗୋରୁ ପଶି ନଷ୍ଟ କରୁଛନ୍ତି। ବର୍ତ୍ତମାନ ବିଦ୍ୟାଳୟ ଛୁଟି ଥିବାରୁ ଏତେଟା ପ୍ରଭାବ ପଡ଼ିନାହ। ବିଦ୍ୟାଳୟ ଛୁଟି ଖୋଲିବା ଭିତରେ ଯଦି ମରାମତି କରାନଯାଏ ତେବେ ଅସୁବିଧା ହେବ ବୋଲି ପ୍ରଧାନଶିକ୍ଷୟିତ୍ରୀ ଟୁନି କୁମାରୀ କହିଛନ୍ତି। ଏବାବଦରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ନାୟକଙ୍କ ଯୋଗାଯୋଗ କରାଯିବାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦଙ୍କୁ ଅବଗତ କରାଯାଇଥିବା କହିଛନ୍ତି।

ଟିକାବାଲି: ଟିକାବାଲି ସ୍ୱାସ୍ଥ୍ୟକେନ୍ଦ୍ର ଛକ ନିକଟ ହର୍ଷନଗରେ ୨୦ ବର୍ଷ ହେବ ନାରାୟଣ ବାଗଙ୍କ ପରିବାର ରହିଆସୁଥିଲେ। ଏକ ମାଟି କାନ୍ଥରେ




ନିର୍ମିତ ଟିଣ ଛପର ଘରେ ଦଶ ପ୍ରାଣୀ ବାସବାସ ବସବାସ କରୁଥିବାବେଳେ ଗୁରୁବାର ରାତିରେ ହୋଇଥିବା କାଳବୈଶାଖୀ ଯୋଗୁଁ ନାରାୟଣଙ୍କ ଘର ଟିଣ ଉଡ଼ିଯାଇଛି। ପରିବାର ରାତିସାରା ଗଛ ମୂଳରେ ନଖାଇ ନପିଇ ଆଶ୍ରୟ ନେଇଥିବାବେଳେ ଆଜି ସମାଜସେବୀ ପ୍ରଦୀପ ଦିଗଲ ଏନେଇ ଟିକାବାଲି ତହସିଲଦାରଙ୍କୁ ଅବଗତ କରିଥିଲେ। ତହସିଲଦାର ହରିଶ୍ଚନ୍ଦ୍ର ପ୍ରଧାନ ତୁରନ୍ତ ପଦକ୍ଷେପ ନେଇ ଗତକାଲି ଛୁଟି ଦିବସ ଥିଲେ ମଧ୍ୟ ଆରଆଇ ସୁମନ୍ତ ଯାନୀ ଏବଂ ଏଆରଆଇ ପ୍ରତିମା ରାଜହଂସ ପରିବାରକୁ ଏକ ପଲିଥିନ ପ୍ରଦାନ କରିଛନ୍ତି। ସେମାନଙ୍କର ନିଜସ୍ୱ କୌଣସି ଜାଗା ନଥିବା କାରଣରୁ ସରକାରୀ ଜାଗାରେ ମୁଣ୍ଡ ଗୁଞ୍ଜିବା ନିମନ୍ତେ ଘର ଖଣ୍ଡିଏ ମାଟି କାନ୍ଥ ସହ ଟିଣ ଛପର ଘରେ ରହି ଆସୁଛନ୍ତି। ସେମାନେ ସରକାରୀ ଗୃହ ପାଇବକୁ ଯୋଗ୍ୟ ଥାଇ ବି ପାଇପାରୁନାହାନ୍ତି। ତୁରନ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।

### ■ କୁଆପଥର ମାଡ଼ରେ ଫଳ ଓ ପରିବା ଫସଲ ନଷ୍ଟ

ଫିରିଙ୍ଗିଆ: ଫିରିଙ୍ଗିଆ ବ୍ଲକରେ ୩ ଦିନ ଧରି କାଳ ବୈଶାଖୀ ତାଣ୍ଡବ ରଚିଛି। ବିଭିନ୍ନ ସ୍ଥାନରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ ବହୁ ଘର ଛପର ଉଡ଼ି ଯାଇଛି। କେଳାପଡ଼ା ପଞ୍ଚାୟତ ବଇରିକୁମ୍ପା ଗାଁର ଭାରତୀ ସାହୁ, ନୂଆପଡ଼ା ଗାଁର ରଜନୀ ଭୁକ୍ତା ଏବଂ ବ୍ଲକର ବିଭିନ୍ନ ଗାଁରେ ଘର ଛପର ଉଡ଼ିବା ସହ ପ୍ରବଳ ପବନ ଯୋଗୁଁ ଗଛ ଡାଳ ଭାଙ୍ଗି ପଡିଛି। ରାତିରେ ପ୍ରବଳ ବର୍ଷା ସାଙ୍ଗକୁ ବଡ଼ ବଡ଼ କୁଆ ପଥର ପଡିବା ଦ୍ୱାରା ପରିବା ଚାଷ ନଷ୍ଟ ହୋଇଛି। ବର୍ତ୍ତମାନ କାକୁଡି ଓ କଖାରୁ ଚାଷୀ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଲୁଇସିଂ ପଞ୍ଚାୟତ ସୁଟାଣି ଘାଟି ରାସ୍ତାରେ ବିରାଟକାୟ ଶାଳ ଗଛ ପଡି ଦିନତମାମ ରାସ୍ତା ଅବରୋଧ ହୋଇଥିଲା। ସମାଜସେବୀ ଆଲୋକ କହଁରଙ୍କ ନେତୃତ୍ୱରେ ଓ ଭାଟୁଲି ଗ୍ରାମବାସୀଙ୍କ ସହଯୋଗରେ ରାସ୍ତା ଉପରୁ ଗଛ କାଟି ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ବନ୍ଧଗଡ଼ ପଞ୍ଚାୟତ ମଣିପଦରରେ ଦୀର୍ଘ ବର୍ଷରୁ ପୂଜା ପାଉଥିବା ମା ରୁଦ୍ରକାଳୀଙ୍କ ମନ୍ଦିରର ଟିଣ ଛପର ଉଡ଼ି ଯାଇଥିବାବେଳେ ଭିତରେ ଥିବା ବିଭିନ୍ନ ପୂଜା ସରଞ୍ଜାମ ସହ ବହୁ ଜିନିଷ ନଷ୍ଟ ହୋଇଛି। ଗ୍ରାମବାସୀଙ୍କ ତରଫରୁ ତୁରନ୍ତ ମନ୍ଦିର ନିର୍ମାଣ ସହ ମରାମତି କରିବାକୁ ଦାବି କରାଯାଇଛି।

### ■ କୁସୁମପଦାରେ ବ୍ୟାପକ କ୍ଷୟକ୍ଷତି

ବ୍ରାହ୍ମଣୀଗାଁ: ଦାରିଙ୍ଗବାଡ଼ି ବ୍ଲକସ୍ଥିତ ହାତୀମୁଣ୍ଡା ପଞ୍ଚାୟତର କୁସୁମପଦା ଗ୍ରାମରେ କାଳ ବୈଶାଖୀ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଥିରେ କାଲିବୁଡ଼ି ମଲ୍ଲିକ, ଲିରି ପତ୍ରା, ଅଜିତ୍ ମଲ୍ଲିକ, ରମି ପତ୍ରା ଓ ପିରତ ମଲ୍ଲିକଙ୍କର ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବା ସହ ଖାଦ୍ୟ ଶସ୍ୟ, ଆସବାବପତ୍ର ବର୍ଷା ପାଣିରେ ଓଦା ହୋଇ ନଷ୍ଟ ହୋଇଛି। ପରିବାର ଲୋକେ ରାତି ସାରା ଅନ୍ଧକାରରେ ରହିଛନ୍ତି। ଗତ ଶୁକ୍ରବାର କାଳବୈଶାଖୀ ହୋଇଥିଲା। ଘରର ଛାତ ପବନରେ ଉଡ଼ି ଯାଇଛି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ସମିତି ସଭ୍ୟ, ସରପଞ୍ଚ ଓ ୱାର୍ଡ ମେମ୍ବର ପହଞ୍ଚ ପ୍ରଭାବିତଙ୍କୁ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି।




## ମୋହନା ପ୍ରେସ୍ କ୍ଲବ୍ ପକ୍ଷରୁ ଦେବର୍ଷି ନାରଦ ଜୟନ୍ତୀ

ମୋହନା,୨।୫(ସମିସ): ମୋହନା ପ୍ରେସ୍ କ୍ଲବ୍ ପକ୍ଷରୁ ଶନିବାର ଦେବର୍ଷି ନାରଦ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରେସ କ୍ଲବ ସଭାପତି ସୁମନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓ ସମ୍ପାଦକ ବାବୁଲା ସେଠୀଙ୍କ ସଂଯୋଜନାରେ ପ୍ରେସ କ୍ଲବ୍ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋହନା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମାକାନ୍ତ ଚୌଧୁରୀ, ମୁଖ୍ୟବକ୍ତା ଶିକ୍ଷାବିତ୍ ମଧୁସୂଦନ ପାଢ଼ୀ ଓ ସମ୍ମାନିତ ଅତିଥି ଆଇନ ପରାମର୍ଶଦାତା ସୀମାଞ୍ଚଳ କାର୍ଜି ଯୋଗ ଦେଇଥିଲେ। ବିଶ୍ୱର ଆଦ୍ୟ ସାମ୍ବାଦିକ ହେଉଛନ୍ତି



ଦେବର୍ଷି ନାରଦ। ତେଣୁ ଦେବର୍ଷିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ସତ୍ୟ, ନିଷ୍ଠାର ସହ ନିଜ ଦାୟିତ୍ୱ ତୁଲାଇବାକୁ ଉପସ୍ଥିତ ସାମ୍ବାଦିକଙ୍କୁ ଅତିଥି ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ପ୍ରେସ୍‌କ୍ଲବ ଉପଦେଷ୍ଟା ଲକ୍ଷ୍ମଣ ଚୌଧୁରୀ, ବାଦଲ ବେହେରା, ଉପସଭାପତି ଅଂଶୁମାନ ପଣ୍ଡା, ସହ ସମ୍ପାଦକ ନୃସିଂହ ନାଥ ପୂଜାରୀ, କୋଷାଧ୍ୟକ୍ଷ ପ୍ରମୋଦ ଦୋରା, ବରିଷ୍ଠ ସାମ୍ବାଦିକ ଅଶ୍ୱିନୀ ପାତ୍ର, ନିର୍ମଳ ପାଲ, ବିମଳ ମଲ୍ଲିକ, ଧୀରେନ୍ଦ୍ର ନାୟକ, ବିଭୁତି ମଲ୍ଲିକ, ଜଗନ୍ନାଥ ଦାସ, ଓସୋନି ବେହେରା ଉପସ୍ଥିତ ଥିଲେ।

## ପାରଳା ମୋଟର କର୍ମଚାରୀ ସଂଘର ଶ୍ରମିକ ଦିବସ

ପାରଳାଖେମୁଣ୍ଡି, ୨।୫ (ସମିସ): ପାରଳାଖେମୁଣ୍ଡି ମୋଟର କର୍ମଚାରୀ ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଥିଲା।




ସ୍ଥାନୀୟ ବସଷ୍ଟାଣ୍ଡ କାର୍ଯ୍ୟାଳୟରେ ସଭାପତି ନୃସିଂହ ଚରଣ ପଟ୍ଟନାୟକଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଡୋଶୀ ଶ୍ରୀକାକୁଲମ ଜିଲ୍ଲାର ବରିଷ୍ଠ ଶ୍ରମିକ ନେତା ଭୂପତି ବାବୁ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ସଙ୍ଘ କାର୍ଯ୍ୟକାରୀ ସଭାପତି ଆଦର୍ଶ ଦାସ, ଉପସଭାପତି ଏଡଲା ଶିବା, ସଂପାଦକ ଲୋକନାଥ ସାହୁ, ସାଧାରଣ ସଂପାଦକ ପି. ସୀମାଦ୍ରି ଓ କୋଷାଧକ୍ଷ କେ. ଗିରିଧର ଯୋଗ ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଡି.ତ୍ରିନାଥ ରାଓ ଓ ପିନିନ୍ତି ନାଗାଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସାଧାରଣ ସଭା ଆୟୋଜନ ହେବା ସହ ସଂଘ ର ଦିବଂଗତ ନେତା ରାମ ଗୋପାଳ ରାଓ, ପୂର୍ବତନ ନଗରପାଳ ପିନିଣ୍ଟୀ କ୍ରୀଷ୍ଟାଙ୍କୁ ଶ୍ରଦ୍ଧାଞ୍ଜଳୟି ଜ୍ଞାପନ ପରେ ଦ୍ୱିତୀୟ ପର୍ଯ୍ୟାୟରେ ମୋଟର ସଂଘ କର୍ମଚାରୀ, ଅଟୋ ସଂଘ, ଖଲାସୀ ସଂଘ ପକ୍ଷରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।

## ଦୁଇ ଟନ୍‌ରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ



ପାରଳାଖେମୁଣ୍ଡି,୨।୫(ସମିସ): ଆର୍.ଉଦୟଗରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ଅଡ଼ବା ଏବଂ ମୋହନା ପୁଲିସଙ୍କୁ ନେଇ ଗଠିତ ଏକ ଦଳ ଅନ୍ତରବା ବାଳିକା ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ସ୍ୱତନ୍ତ୍ର ଚଢ଼ଉ କରାଯାଇଥିଲା। ଏଥିରେ ବିପୁଳ ପରିମାଣର ଚୋରା ଗଞ୍ଜେଇ ଜବତ କରାଯାଇଛି। ଜବତ ହୋଇଥିବା ଗଞ୍ଜେଇର ଓଜନ ପ୍ରାୟ ୨ ମେଟ୍ରିକ୍ ଟନ୍‌ରୁ ଅଧିକ ହେବ ବୋଲି କୁହାଯାଇଛି। ଯାହାର ଆନୁମାନିକ ବଜାର ମୂଲ୍ୟ ୨ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏନେଇ ଅଡବା ଥାନାରେ ଏକ ମାମଲା କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ ଏବଂ ଗିରଫ କରିବାକୁ ତଦନ୍ତ ଜାରି ରହିଥିବା ଆର୍.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ଜାର୍ଗୀସରୁ ଜଙ୍ଗଲରୁ ୨ ଟନ୍ ଗଞ୍ଜେଇ ଜବତ



ଫିରିଙ୍ଗିଆ,୨।୫(ସମିସ): କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଚୋରା ଚାଲାଣ ଜାରି ରହିଛି। କିଛିଦିନ ପୂର୍ବେ ଫିରିଙ୍ଗିଆ ଓ ଗୋଚ୍ଛାପଡା ଥାନା ପକ୍ଷରୁ ଟନ୍ ଟନ୍ ଗଞ୍ଜେଇ ଜବତ ହୋଇଥିବା ବେଳେ ପୁଣି ସଦର ଥାନା ପକ୍ଷରୁ ୨ ଟନ ଗଞ୍ଜେଇ ଜବତ ହୋଇଛି। ସଦର ଥାନା ସୁଦ୍ରେଜୁ ପଞ୍ଚାୟତର ଜାର୍ଗୀସରୁ ଗାଁ ନିକଟ ଜଙ୍ଗଲର ପାହାଡ଼ ଉପରେ ଗଞ୍ଜେଇ ଗଚ୍ଛିତ ରଖି ବାହାରକୁ ଚାଲାଣ ହେଉଥିବା ନେଇ ସଦର ପୁଲିସକୁ ଖବର ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ତୁରନ୍ତ ଏକ ଟିମ୍ ଜାର୍ଗୀସରୁ ଗାଁ ଜଙ୍ଗଲ ପାହାଡ଼ରେ ଚଢ଼ଉ କରି ଏକ ଗଛମୂଳେ ଗଚ୍ଛିତ ରଖାଯାଇଥିବା ଗଞ୍ଜେଇ ଜବତ କରିଥିଲା। ପୁଲିସ ଆସୁଥିବା ଦେଖି ମାଫିଆ ଚମ୍ପଟ ମାରିଥିଲେ। ମାଜିଷ୍ଟ୍ରେଟ ସୋମକେଶ ନାୟକଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ ପରେ ୨ ଟନ୍ ହୋଇଥିଲା। ଏନେଇ ସଦର ଥାନାରେ ମାମଲା ରୁଜୁ ହୋଇଛି।

## ଫୁଲବାଣୀରେ ଆନ୍ତର୍ଜାତିକ ଶ୍ରମିକ ଦିବସ

ଫିରିଙ୍ଗିଆ,୨।୫(ସମିସ): ଗାନ୍ଧୀ ସ୍ମୃତି ଭବନ ଫୁଲବାଣୀ ପରିସରରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟଅତିଥି ଭାବରେ



ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦନ ଦଳେଇ ଏବଂ ମୁଖ୍ୟ ଉନ୍ନୟନଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁ ନାଥ ନନ୍ଦୀ, ଅତିରିକ୍ତ ପୁଲିସ ଅଧିକ୍ଷକବିଭୁତି ଭୂଷଣ ମହାପାତ୍ର ଏବଂ ଘନ କୁମାର ଶବର ଯୋଗ ଦେଇଥିଲେ। ଏଥିସହିତ କନ୍ଧମାଳ ଜିଲ୍ଲାର ବିଭିନ୍ନ ଟ୍ରେଡ଼ ୟୁନିଅନର କର୍ମକର୍ତ୍ତା ଓ ବହୁ ସଂଖ୍ୟାରେ ଶ୍ରମିକ ଉପସ୍ଥିତ ଥିଲେ।

ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶ୍ରମିକ ଦିବସ ସମାରୋହରେ ୫୯୧ ଜଣ ନିର୍ମାଣ ଶ୍ରମିକଙ୍କୁ ମୋଟ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହା ସହିତ ୫ ଜଣ ଅଣସଂଗଠିତ ଶ୍ରମିକ କାର୍ଡଧାରୀଙ୍କ ପରିବାରବର୍ଗଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଛି। ଏହା ସହିତ ୧୦୦ ଜଣ ନିର୍ମାଣ ଶ୍ରମିକଙ୍କୁ ନୂତନ କାର୍ଡ ପ୍ରଦାନ କରାଯାଇଥିବା ବେଳେ ୩୦ ଜଣ ଅଣସଂଗଠିତ ଶ୍ରମିକଙ୍କୁ ମଧ୍ୟ ନୂତନ କାର୍ଡ ପ୍ରଦାନ କରାଯାଇଛି। ଜିଲ୍ଲା ଶ୍ରମ ଅଧିକାରୀ ବିଶ୍ୱ ରଞ୍ଜନ କହଁରଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ଶ୍ରମ ଅଧିକାରୀ ସ୍ନିନିତା କୁମାରୀ ଦେବୀ ପରିଚାଳନା କରିଥିଲେ।

## ଦୀପ ନିଆଁରୁ ବୃଦ୍ଧା ଜୀବନ୍ତ ଦଗ୍ଧ

ବାଲିଗୁଡ଼ା,୨।୫(ସମିସ): ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁଡ୍ରା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଦୀପ ନିଆଁରୁ ଘଟିଲା ବଡ଼ ଧରଣର ଅଗ୍ନିକାଣ୍ଡ। ଏଥିରେ ବୃଦ୍ଧା ଜୀବନ୍ତ ଦଗ୍ଧ ହୋଇଯାଇଥିବା ଜଣାପଡ଼ିଛି। ନିଆଁରେ ପୋଡ଼ି ୨ଭାଇ ଗୁରୁତର ହୋଇଥିବା ବେଳେ ଅନ୍ୟ ୨ଭାଇ ସାମାନ୍ୟ ଆହତ ହୋଇଛନ୍ତି। ବାଲିଗୁଡା ଅଞ୍ଚଳରେ ଦୁଇ ଦିନ ହେବ କାଳ ବୈଶାଖୀ ତାଣ୍ଡବରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ପରିବାର ଲୋକଙ୍କ କହିବା ଅନୁଯାୟୀ କରେଣ୍ଟ ନଥିବା ଯୋଗୁ ଘରେ ଏକ ମହମବତୀ ଲଗାଇ ରାତିରେ ଶୋଇଥିଲେ। କୌଣସି କାରଣରୁ ମହମବତୀ ନିଆଁ ନିକଟରେ ଥିବା ପେଟ୍ରୋଲ ସଂସ୍ପର୍ଶରେ ଆସି ଅଗ୍ନିକାଣ୍ଡ



ଘଟିଥିଲା। ଫଳରେ ନିକଟରେ ଥିବା ଗ୍ୟାସ୍ ସିଲିଣ୍ଡର ମଧ ଜଳି ଚାରିଆଡ଼କୁ ନିଆଁ ବ୍ୟାପି ଯାଇଥିଲା। ସୁଡ୍ରା ଗ୍ରାମର ସୁବାଷ ଚନ୍ଦ୍ର ସାହୁଙ୍କ ପରିବାର ବ୍ୟବସାୟୀ ହୋଇଥିବା ବେଳେ ତାଙ୍କ ଘର ସମେତ ଦୋକାନ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ବୃଦ୍ଧା ମା' ନାରସୁ ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଭାଇ ଗୁରୁତର ଆହତ ହୋଇଛନ୍ତି। ଦୁଇ ଗୁରୁତରଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ୧୦ ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା କହିଛନ୍ତି ସୁବାସ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ସରକାରଙ୍କ ପ୍ରତାରଣା ପ୍ରତିବାଦରେ ବିଭିନ୍ନ ସାମ୍ବାଦିକ ସଂଘର ଧାରଣା

ପାରଳାଖେମୁଣ୍ଡି,୨।୫(ସମିସ): ସାମ୍ବାଦିକଙ୍କୁ ସରକାରଙ୍କ ପ୍ରତାରଣା ପ୍ରତିବାଦରେରାଜ୍ୟଉତ୍କଳସାମ୍ବାଦିକସଂଘର ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଦିନ ଗଜପତି ଜିଲ୍ଲା ଶାଖା ପକ୍ଷରୁ ସଭାପତି ଦ୍ୱିଜେନ ପାଢୀଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ସଂଘର ସଦସ୍ୟ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଥିଲେ। ପାରଳାଖେମୁଣ୍ଡିରେ ଏକତ୍ର ହୋଇ କଳା ବ୍ୟାଚ ପରିଧାନ କରି ସାମ୍ବାଦିକଙ୍କ ବିଭିନ୍ନ ଦାବି ନେଇ ନାରାବାଜି କରିଥିଲେ। ସାମ୍ବାଦିକଙ୍କ ନ୍ୟାର୍ଯ୍ୟ ଦାବିକୁ ଯଥାଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ ରାଜ୍ୟ ସଂଗଠନର ନିଷ୍ପତ୍ତି କ୍ରମେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଜିଲ୍ଲା ସଂଘ ସମ୍ପାଦକ ସରୋଜ ବୀର, ବରିଷ୍ଠ ସାମ୍ବାଦିକ ବିଧାନ ଚୌଧୁରୀ, ସୁଜିତ ବିଶୋୟୀ କହିଛନ୍ତି। ସେହିପରି ମୋହନାରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଉପସଭାପତି ପଞ୍ଚାନନ ଦାଶଙ୍କ ନେତୃତ୍ୱରେ ସଦସ୍ୟ କଳାବ୍ୟାଚ୍ ପରିଧାନ କରି ଧାରଣା ଦେଇଥିଲେ। ପାରଳାଖେମୁଣ୍ଡିରେ ଓଡ଼ିଶା ସାମ୍ବାଦିକ ୟୁନିୟନର ଡାକରାକୁ ସମର୍ଥନ ଜଣାଇ ଗଜପତି ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ପାରଳାଖେମୁଣ୍ଡି ବଜାର ଛକରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରତିବାଦ କରାଯିବା ସହ ଧାରଣା



ଦିଆଯାଇଥିଲା। ସଂଘର ସଦସ୍ୟମାନେ ସ୍ଥାନୀୟ ପ୍ରେସ କ୍ଲବ ଠାରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ମହାରାଜାଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ପ୍ରଥମେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଦିବଂଗତ ସାମ୍ବାଦିକ କ୍ଷେତ୍ରବାସୀ ମହାକୁଡ଼ଙ୍କ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଧାରଣା ପରେ ମଧ୍ୟ ସରକାର ପଦକ୍ଷେପ ନ ନେଲେ ଓୟୁଜେ ଆଗାମୀ ଦିନରେ ଯାହା ନିଷ୍ପତ୍ତି ନେବ ତାକୁ ଗଜପତି ଜିଲ୍ଲା ସାମ୍ବାଦିକ ସଂଘ ସମର୍ଥନ କରିବ ବୋଲି ଜିଡିୟୁଜେର ସଭାପତି ବସନ୍ତ ପଣ୍ଡା, ସଂପାଦକ ଆଦର୍ଶ ଦାସ ଓ ଓୟୁଜେର ରାଜ୍ୟ ସଂପାଦକ ରୂପେଶ କୁମାର ସାହୁ କହିଛନ୍ତି।

